ସାପ୍ତାହିକ

Postal Regd. No.: SBP/14/2025-2027

# ସ୍ୱୀକାର

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 13 | 30 March - 5 April 2025 | Sambalpur | Pages- 8 | Invitation Price Rs.10

## ନୃସିଂହ ଗୁରୁଙ୍କୁ ଯଥୋଚିତ ସମ୍ମାନ ମିଳିନାହିଁ: ବିଶିଷ୍ଟ ବ୍ୟକ୍ତିଙ୍କ କ୍ଷୋଭ



ସମ୍ବଲପୁର: ନୃସିଂହ ଗୁରୁଙ୍କ ଭଳି ଜଣେ ସଚ୍ଚୋଟ ଓ ଆଦର୍ଶ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟ ସରକାର ଯେଉଁଭଳି ସମ୍ମାନ ଦେବା କଥା ତାହା ଏଯାବତ୍ ଦେଇ ନାହାନ୍ତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

ସମ୍ବଲପୁରର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ 'ପଶ୍ଚିମ ଓଡିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆଗାମୀ ପୀଢି ଯେପରି ସ୍ୱର୍ଗତ ଗୁରୁଙ୍କ ଜୀବନୀ ସମ୍ପର୍କରେ ଅବଗତ ହେବେ, ସେ ଦିଗରେ ଉଦ୍ୟମ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।





ମନ୍ଦଲିଆର ସମଲେଶ୍ୱରୀ କଲେଜ ଠାରେ କଲେଜ ଅଧକ୍ଷା ସଙ୍ଗୀତା ପୁରୋହିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା ଓ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଶେଷରେ ଅଧାପକ ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ସେହିପରି ସ୍ଥାନୀୟ ପଟ୍ଟନାୟକପଡାର ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ନୃସିଂହ ଗୁରୁ ଜୟନ୍ତୀ ପାଳିତ ହୋଇଥିଲା । ଏଥିରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ସୁନାଗରିକ ହେବା ପାଇଁ ଅତିଥି ମାନେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ନିର୍ମଳା ବାରିକ, ଶାନ୍ତ୍ୱନାମୟୀ ଷଡଙ୍ଗୀ ଓ ଶ୍ରାବଣୀ ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ନିଷ୍ପାପର ସାମ୍ବାଦିକ ତଥା ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ସୁପରିଚିତ ସ୍ୱର୍ଗୀୟ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ସହକାରୀ ପ୍ରଫେସର ତଥା ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ, ଅଧାପିକା ଶ୍ରୀମତୀ ମେଞ୍ଚା ପୂର୍ତ୍ତି ଏବଂ ଅଧାପକ ରୋଶନ ଭୋଇ ପ୍ରମୁଖ ଯୋଗଦାନ କରି ସ୍ୱର୍ଗୀୟ ଗୁରୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ତାଙ୍କ କର୍ମମୟ ଜୀବନ ଓ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ । ତାଙ୍କର ସଂଗ୍ରାମମୟ ଜୀବନ, ସମାଜସେବା, ଆଦର୍ଶ ସାମ୍ବାଦିକତା ସର୍ବୋପରି ନିରାଡ଼ମ୍ବର ଜୀବନଶୈଳୀ ଏ ଜାତିର ଆଦର୍ଶ ହେବା ଉଚିତ୍ । ତାଙ୍କର ପଦାଙ୍କ ଅନୁସରଣ କରି ପାରିଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ ।



ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବହୁ ଛାତ୍ରଛାତ୍ରୀ ଏହି ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିଲେ ।

ଏବିସିଡି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ 'ପଶ୍ଚିମ



ଓଡିଶାର ଗାନ୍ଧୀ' ରୂପେ ଖ୍ୟାତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ପାଳନ କରାଯାଇଛି । ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ଶତନାମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ଶିକ୍ଷକ ସୁନୀଲ ସାଗର ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭା ଶେଷରେ ଛାତ୍ରଛାତ୍ରୀ ମାନେ ପ୍ରାର୍ଥନା ମାଧମରେ ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ସେହିପରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କୁଚିଣ୍ଡା ବ୍ଲକ ଶାଖା ପକ୍ଷରୁ ଏହାର ଆବାହକ ମିତ୍ର ଭାନୁ ପ୍ରଧାନଙ୍କ ସଭାପତିତ୍ୱରେ ନୃସିଂହ ଗୁରୁଙ୍କ ୧୨୩ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ଅବସର ପ୍ରାପ୍ତ କଲେଜ୍ ଅଧକ୍ଷ ତଥା ଅଭିଯାନର ଅବିଭକ୍ତ ସମ୍ବଲପୁର ଜିଲ୍ଲା ଆବାହକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗୁରୁଜୀଙ୍କ ନିଶା ନିବାରଣ କାର୍ଯ୍ୟକ୍ରମ ଓ ଦଳିତଙ୍କ ଉତ୍ଥାନ କାର୍ଯ୍ୟକ୍ରମ ତଥା ସ୍ୱାଧିନତା ସଂଗ୍ରାମ ସମ୍ପର୍କରେ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧରେ ପୂର୍ବତନ ବ୍ଲକ ଅଧକ୍ଷ ଓ ଅଭିଯାନର ଉପଖଣ୍ଡ ସଭାପତି କରୁଣାକର କିଷାନ, ସମିତି ସଭ୍ୟା ଯଶୋବନ୍ତ ଭୋଇ, ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶାନ୍ତିପୂର୍ଣ୍ଣ ନିଶା ନିବାରଣ ଓ ଦଳିତମାନଙ୍କ ଉତଥାପନ ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ଦେଇଥିଲେ । ଏହି କାର୍ଯ୍ୟ କ୍ରମରେ କୁଟୁରାଚୁଆଁ , ବକ୍ସମା, କୁସୁମି ଆଦି ସହ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ନିଶା ନିବାରଣ କର୍ମୀ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ନାରୀ ନେତ୍ରୀ ବିମଳା ପଟେଲ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ନାରୀନେତ୍ରୀ ଶୈରେନ୍ଧ୍ରୀ ଶେଠ୍ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ଉପଲକ୍ଷେ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଦଳମତ ନିର୍ବିଶେଷରେ ସହରର ବହୁ ବୁଦ୍ଧିଜୀବୀ ଓ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ମାନେ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ସମ୍ବଲପୁର ପୌର ପରିଷଦର ପୂର୍ବତନ ନଗରପାଳ ତଥା ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ, ବରିଷ୍ଠ ନାଗରିକ ରତ୍ନଭୂଷଣ ପୃଷେଠ, ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର, ରାଜେନ୍ଦ୍ର ସତନାମୀ, ସାମ୍ବାଦିକ ଶଙ୍କର ବେହେରା, ସଙ୍ଗୀତା ପୁରୋହିତ, ରାମେଶ୍ୱର ପୁରୋହିତ, ସୋନାଲିସା ପୁରୋହିତ, ଅଶୋକ କୁମାର ଚାନ୍ଦ, ଆନନ୍ଦ କୁମାର ପତି, ଶ୍ରୀକାନ୍ତ ପାଣ୍ଡେ, ଭୂଷଣ ମେହେର, ସୂର୍ଯ୍ୟକାନ୍ତି ପଟେଲ, ଲକ୍ଷ୍ମଣ ବର୍ଗତି ପ୍ରମୁଖ ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଏ ସଂଖ୍ୟାରେ..


ତମ୍ବା ପାତ୍ରରେ ପାଣି ପିଇ ନିରୋଗ ରୁହନ୍ତୁ


ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବ ଟମାଟୋ


ସ୍ୱାସ୍ଥ୍ୟପଯୋଗୀ ତରଭୁଜ


ପାଚନ କ୍ରିୟାକୁ ସକ୍ରିୟ କରେ ମହୁ


ଭିଜା ବାଦାମର ଲାଭ


ସଦା ବିହାରୀର ଉପକାରିତା

# ଏବେଠୁ ରାଜ୍ୟର ଉତ୍ତପ୍ତ ସହର ହେଲାଣି ଝାରସୁଗୁଡ଼ା

ଝାରସୁଗୁଡ଼ା: **(ସନ୍ତୋଷ କୁମାର ମହାପାତ୍ର)** ଗତ ୨୭ ଓ ୨୮ ତାରିଖ ଝାରସୁଗୁଡ଼ା ଓଡ଼ିଶାର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ୨୭ ତାରିଖ ଦିନ ଏହାର ତାପମାତ୍ରା ୪୧.୨° ସେଲସିୟସ ରେକର୍ଡ କରାଯାଇଥିବା ବେଳେ ୨୮ ତାରିଖ ଦିନ ୪୩° ଥିଲା। ଫଳରେ ଜିଲ୍ଲାବାସୀ ଗରମରେ ଆଉଟୁପାଉଟୁ ହୋଇ ପଡିଥିଲେ। ମାର୍ଚ୍ଚ ମାସରୁ ଏତିକି ଗରମ ପଡିଥିବା ବେଳେ ମଇ ଜୁନ୍‌ରେ ଏହାର ଅବସ୍ଥା କ'ଣ ହେବ ବୋଲି ଲୋକେ ଚିନ୍ତିତ ଅଛନ୍ତି। ଗ୍ରୀଷ୍ମପ୍ରବାହ ଯୋଗୁଁ ମୁଖ୍ୟ ରାସ୍ତା ଦିନ ଦଶଟା ରୁ ତିନିଟା ପର୍ଯ୍ୟନ୍ତ ଖାଁ ଖାଁ ଲାଗୁଥିବା ବେଳେ ଲୋକେ ମୁଣ୍ଡରେ ଗାମୁଛା ଓ ଚଷମା ପିନ୍ଧୁଥିବା ବେଳେ ଛତା ଧରି ବାହାରୁଛନ୍ତି। ଖରା ବଢୁଥିବା ବେଳେ ନଦୀ ନାଳ ପୋଖରୀ ପାଣି ଶୁଖିଯାଇଛି। ଝାଞ୍ଜି ପବନ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ଯୋଗୁଁ ସହରର ବିଭିନ୍ନ ଛକରେ ଥଣ୍ଡା ପାନୀୟ ଜଳ ଥଣ୍ଡା ଘୋଳ ଦହି ତରଭୁଜ ଆମ୍ ଲାଙ୍ଗୁଡି ମିଳୁଥିବା ବେଳେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅନ୍ୟପଟେ ସହରର ବିଭିନ୍ନ ବିଦ୍ୟୁତ ଦୋକାନରେ ଏସି କୁଲୁର ଫ୍ୟାନ ବିକ୍ରି ହେଉଥିବା ବେଳେ ମରାମତି କାର୍ଯ୍ୟ ଚାଲିଛି। ଓଡିଶା ସରକାରଙ୍କ ପକ୍ଷରୁ ଦିନ ଏଗାର ଟାରୁ ତିନିଟା ପର୍ଯ୍ୟନ୍ତ କାମ ନ କରିବାକୁ ପରାମର୍ଶ ଦିଆ ଯାଇଛି। ଗତ କିଛି ଦିନ ହେବ ସହରରେ ବିଦ୍ୟୁତ୍ ତୁହାକୁ ତୁହା କଟୁଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି। ଗାଡ଼ି ଚାଳକଙ୍କୁ ରୌଦ୍ରତାପରୁ ସୁରକ୍ଷା ପ୍ରଦାନ ନିମନ୍ତେ ଏକ ଆନ୍ତଃରାଜ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଲଖନପୁର ଏମ୍‌ସିଏଲ ସ୍ଥିତ ତ୍ରିବେଣୀ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ଏହି ଆନ୍ତଃରାଜ୍ୟ ବୈଠକରେ ଝାରସୁଗୁଡା ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋଏଲ, ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାର, ରାଏଗଡ଼ ଆରକ୍ଷୀ ଅଧିକ୍ଷକ ଦିବ୍ୟାଙ୍ଗ ପଟେଲ, ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ରାଏଗଡ଼ ଅତିରିକ୍ତ ଜିଲ୍ଲାପାଳ ରବି ରାହି, ରାଏଗଡ଼ ଏସ୍‌ଡିଏମ୍ ପ୍ରବୀଣ କୁମାର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ, ରାଏଗଡ଼ ଖଣି ଉପନିର୍ଦ୍ଦେଶକ, ଉଭୟ ଜିଲ୍ଲାର ଆଞ୍ଚଳିକ ପରିବହନ ଅଧିକାରୀ, ବ୍ରଜରାଜନଗର, ଇବ ଭ୍ୟାଲି ଓ ଲଖନପୁର ଏମ୍ ସି ଏଲ୍ କ୍ଷେତ୍ର ପ୍ରବନ୍ଧକ ଓ ଏନ ଟିପିସିଲାରାର ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ରୌଦ୍ରତାପ ସମୟରେ ଡ୍ରାଇଭର, ହେଲପର ଓ ଅନ୍ୟ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଭୟ ରାଜ୍ୟ ମଧରେ ବିଶେଷ କରି ଛତିଶଗଡ଼ ଓ ଝାରସୁଗୁଡା ମଧରେ ସମନ୍ୱୟ ରକ୍ଷା ପୂର୍ବକ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ଆଦାନପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଖଣିଜ ଦ୍ରବ୍ୟ ବିଶେଷ କରି କୋଇଲା ଫ୍ଲାଇଆସ ଓ ଲଘୁ ଖଣିଜ ଦ୍ରବ୍ୟ ପରିବହନ କ୍ଷେତ୍ରରେ ଉଭୟ ରାଜ୍ୟ ମଧରେ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଉଭୟ ଜିଲ୍ଲା ନିମନ୍ତେ ସାଧାରଣ ନିୟାମକ ମାନକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭାରିଯାନ ଗୁଡିକର ଚଳପ୍ରଚଳ ଉପରେ ମିଳିତ ଭାବେ କଟକଣା ନିୟନ୍ତ୍ରଣ କରିବାକୁ ଗୁରୁତ୍ୱାରୋପ କରାଯିବା ସହ ଡ୍ରାଇଭର, ଗାଡ଼ି ମାଲିକ, ବିଭିନ୍ନ ଗାଡ଼ି ମାଲିକ ସଂଘ, ପରିବହନ ସଂସ୍ଥା ଓ ସର୍ବସାଧାରଣ ସ୍ତରରେ ସଚେତନତା ସୃଷ୍ଟି ନିମନ୍ତେ କି କି ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅଂଶୁଘାତ ଜନିତ ଲକ୍ଷଣ ପ୍ରକାଶ ପାଇଲେ କିପରି ପ୍ରାଥମିକ ଚିକିତ୍ସା କରାଯିବ ସେ ସମ୍ପର୍କରେ ପରିବହନ ସଂସ୍ଥା ଓ ଖଣି ମାଲିକମାନେ ଡ୍ରାଇଭର ଓ ହେଲପର ମାନଙ୍କର ତାଲିମ ଶିବିର ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆନ୍ତଃରାଜ୍ୟ ଗାଡ଼ି ଚାଳକମାନେ ଯାତାୟାତ ସମୟରେ କିପରି ଯଥେଷ୍ଟ ତରଳ ଖାଦ୍ୟ ଗ୍ରହଣ କରିବେ, ମଦ୍ୟପାନରୁ ଦୂରେଇ ରହିବେ ତଥା ନିୟମିତ ଭାବେ ବିଶ୍ରାମ ନେବେ ସେ ଦିଗରେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଜାତୀୟ ରାଜପଥ ୪୯ ଉଭୟ ପାର୍ଶ୍ୱରେ ଯଥେଷ୍ଟ ସଂଖ୍ୟକ ଜଳଛତ୍ର ଖୋଲିବା ନିମନ୍ତେ ବେଲପାହାଡ଼, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଏବଂ ଏମ୍‌ସିଏଲ୍ ଓ ଏନଟିପିସିଲାରା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସେହିପରି ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ନିମନ୍ତେ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପ୍ରିଲ ଓ ମେ ମାସରେ ଦିନ ୧୦ଟାରୁ ଅପରାହ୍ଣ ୪ଟା ମଧରେ ଅଣ ବାତାନୁକୂଳିତ ଗାଡ଼ି ଚଳାଚଳ ଉପରେ ରୋକ ଲଗାଇବାକୁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟ ମଧରେ ଲୋଡିଂ ଓ ଅନଲୋଡିଂ ବନ୍ଦ ରଖିବା ନିମନ୍ତେ ଏମ୍‌ସିଏଲ୍ , ଲାରା ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ପାର୍କିଙ୍ଗ ସ୍ଥାନ ଗୁଡିକରେ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଇ ସେ ସବୁରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ବାତାନୁକୂଳିତ କକ୍ଷ ଓ ଅସ୍ଥାୟୀ କ୍ୟାଣ୍ଟିନର ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଯିବା ତଥା ଆବଶ୍ୟକ ସ୍ଥଳେ ସ୍ପ୍ରିଂକଲର ଦ୍ୱାରା ଜଳ ସିଞ୍ଚନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଜାତୀୟ ରାଜପଥରେ ଉଭୟ ଜିଲ୍ଲାର ଖଣି ଓ ଶିଳ୍ପାନୁଷ୍ଠାନ ପକ୍ଷରୁ ଆମ୍ବୁଲାନ୍ସ ରଖାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗାଡିର ବୀମାକରଣ ସହିତ ଡ୍ରାଇଭରମାନଙ୍କର ଜୀବନବୀମା ଯେପରି ସଂଯୋଗୀକରଣ କରାଯାଇପାରିବ ସେ ଦିଗରେ ଅନୁଧାନ ନିମନ୍ତେ ଉଭୟ ରାଜ୍ୟର ପରିବହନ ଆୟୁକ୍ତଙ୍କର ପରାମର୍ଶ ଲୋଡ଼ାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଗୋବିନ୍ଦପୁର ଟୋଲ ପ୍ଲାଜାରେ ହାଇଡ୍ରେସନ କିୟସ୍କ ଖୋଲାଯିବା ସହ ଦୁଇଟି ଭ୍ରାମ୍ୟମାଣ ୱାଟର କିୟସ୍କର ବ୍ୟବସ୍ଥା କରିବା ନିମନ୍ତେ ଏମ୍ ସି ଏଲ୍ ଓ ଏନ ଟି ପି ସି ଲାରାର ସହଯୋଗ କାମନା କରାଯାଇଛି। ପରିଶେଷରେ ଝାରସୁଗୁଡାର ଆରକ୍ଷୀ ଅଧିକାରୀ ସ୍ମିତ ପି ପରମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ




ସମ୍ବଲପୁର : ଓଡ଼ିଶାରେ ଥିବା ୭୦୦ରୁ ଅଧିକ ପାରମ୍ପରିକ ଲୋକକଳାରୁ ସଂକୀର୍ତ୍ତନ ହେଉଛି ପ୍ରାଚୀନ ଓ ଆଧାତ୍ମିକ କଳା ବୋଲି ପଶ୍ଚିମ ଓଡିଶା ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବରେ ମତପ୍ରକାଶ ପାଇଛି।

ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତା ଓ ସନ୍ତୋଷ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ୧୫ତମ ବାର୍ଷିକ ଉତ୍ସବ ଓ ଚୈତନ୍ୟ ଜନ୍ମୋତ୍ସବରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଭାପତି ବାବା ପଞ୍ଚଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ସଂକୀର୍ତ୍ତନ ହେଉଛି ଏକ ଭକ୍ତି ରସାଶ୍ରୀତ କଳା ଓ ସମାଜରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହିଛି। ଭକ୍ତି ଓ ନିଷ୍ଠାର ସହ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ ମୋକ୍ଷ ପ୍ରାପ୍ତି ହୁଏ। ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି। ସଂକୀର୍ତ୍ତନ ହେଉଛି ଭକ୍ତ ଓ ଭଗବାନଙ୍କ ମଧରେ ସମ୍ପର୍କର ସେତୁ ସୃଷ୍ଟି କରିବାର ମାଧମ। ଏହାଛଡା ମାନସିକ ଶାନ୍ତି ଓ ଆନନ୍ଦ ପାଇବା ଲାଗି ଏହା ମଧ ଏକ ପ୍ରକୃଷ୍ଟ ମାଧମ। ହେଲେ ଆଧୁନିକତାର ପ୍ରଭାବରେ ଏବେ ବହୁ ସଂକୀର୍ତ୍ତନ ମଣ୍ଡଳୀ ଅପସରି ଗଲେଣି। ତଥାପି ଗାଁ ମାନଙ୍କରେ ଅଷ୍ଟପ୍ରହରୀ, ଚବିଶ ପ୍ରହରୀ ଆଉ ନବରାତ୍ର ନାମ ସଂକୀର୍ତ୍ତନ କରାଯାଇ ଏହି ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖାଯାଇଛି ବୋଲି ସେ କହିଥିଲେ। ପରିଷଦର ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ପ୍ରତ୍ୟେକ ଜିଲ୍ଲା ଆଉ କ୍ଲବରେ ବୈଠକ କରି କମିଟି ଗଠନ କରିବା ସହ ପଞ୍ଚାୟତ ସ୍ତରରୁ ସବୁ କୀର୍ତ୍ତନ କଳାକାର ମାନଙ୍କୁ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦରେ ସାମିଲ କରିବା ତଥା ସଦସ୍ୟ ସଂଗ୍ରହ ଅଭିଯାନ କରିବା ପାଇଁ ଏହି ଉତ୍ସବରେ ନିଷ୍ପତ୍ତି ନିଆଯାଇଥିଲା।

ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ କରମଚାନ୍ଦ ମହାନ୍ତି, ବରଗଡ଼ର ବିଶିଷ୍ଟ କୀର୍ତ୍ତନ ଗାୟକ ଦୁର୍ଯ୍ୟୋଧନ ଛନ୍ଦ, ବଳରାମ ମାହାନା ପ୍ରମୁଖ ଏଥିରେ ଭାଷଣ ଦେଇ ସଂକୀର୍ତ୍ତନକୁ ବଞ୍ଚାଇବା ଲାଗି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଶେଷରେ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମନବମୀ ଓ ହନୁମାନ ଜୟନ୍ତୀ ପାଇଁ ବ୍ୟାପକ ପ୍ରସ୍ତୁତି

ସମ୍ବଲପୁର: ଚଳିତ ବର୍ଷ ସମ୍ବଲପୁରରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି କ୍ରମରେ ଏବେଠୁ ସହରର ଏବେ ଗେରୁଆ ଗେରୁଆ ଲାଗିଲାଣି। ସହରର ବିଭିନ୍ନ ଛକ ଜାଗାମାନଙ୍କରେ ଗେରୁଆ କପଡ଼ାରେ ଲଗାଯାଇଛି। କଚେରି ଛକ, ଗୋଲବଜାର ଛକ, ଭୂତାପଡ଼ା, ଲକ୍ଷ୍ମୀଟକିଜ ଛକ, ଜିଏମ୍ କଲେଜ ଛକଠାରୁ ଆରମ୍ଭ କରି ସହରର ଛୋଟବଡ଼ ଛକ ତଥା ବିଭିନ୍ନ ପଡ଼ାପଡ଼ାରେ ଗେରୁଆ ପଡ଼ା ଲାଗି ସାରିଲାଣି। ଚଳିତ ବର୍ଷ ଏତେ ପୂର୍ବରୁ ପ୍ରଥମ ଥର ନିମନ୍ତେ ଏଭଳି ଢ଼ଂଗରେ ପ୍ରସ୍ତୁତି ଚାଲିଛି। ୧୯୮୭ ମସିହାରେ ଆରମ୍ଭ ହୋଇଥିବା ମିଳିତ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଚଳିତ ବର୍ଷ ୩୯ ବର୍ଷରେ ପଦାର୍ପଣ କରିଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଅଧକ୍ଷ ଜୟନାରାୟଣ ମିଶ୍ର ନେତୃତ୍ୱରେ ବ୍ୟାପକ ଆୟୋଜନ ହେଉଛି। ୩୦ ମାର୍ଚ୍ଚ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷକୁ ଅତ୍ୟନ୍ତ ଭବ୍ୟ ଭାବରେ ପାଳନରୁ ଆରମ୍ଭ ହୋଇ ୧୪ ଏପ୍ରିଲ ଐତିହାସିକ ଓ ଭବ୍ୟ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବାହାର କରିବା ପର୍ଯ୍ୟନ୍ତ ୧୫ ଦିନକୁ ହିନ୍ଦୁ ଜାଗରଣ ପକ୍ଷ ଭାବରେ ପାଳନ କରାଯିବ। ୬ ଏପ୍ରିଲ ଶ୍ରୀରାମ ନବମୀ ଅବସରରେ ଅପରାହ୍ଣ ୩ଟାରେ ଧନୁପାଲିରୁ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଅପରପକ୍ଷରେ ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ ମଧ ବ୍ୟାପକ ଆୟୋଜନ କରାଯାଉଛି। ଏହିଦିନ ବିଶାଳ ଶୋଭାଯାତ୍ରା ମଧ ବାହାର କରାଯିବ। ବରିଷ୍ଠ ଆଇନଜୀବୀ ପ୍ରଦୀପ ବହିଦାର ଶ୍ରୀରାମ ଜନ୍ମୋତ୍ସବ ସମିତିର ସଭାପତି ଥିବା ବେଳେ ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ ଏହାର କାର୍ଯ୍ୟକାରୀ ସଭାପତି ରହିଛନ୍ତି।

# ଝାରସୁଗୁଡ଼ାରେ ରାମନବମୀ ଶାନ୍ତି କମିଟି ବୈଠକ

ଝାରସୁଗୁଡ଼ା: ଜିଲ୍ଲାରେ ଆସନ୍ତା ଏପ୍ରିଲ ୬ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାମନବମୀ ପାଇଁ ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମନବମୀ ଉତ୍ସବ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ହେବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ସହ ଭାଇଚାରା ମଧରେ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଆଖଡ଼ା କମିଟିମାନେ ଧାର୍ଯ୍ୟ ସମୟ ଅନୁଯାୟୀ ଶୋଭାଯାତ୍ରା ପରିଚାଳନା କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଧାର୍ଯ୍ୟ ପରିଧି ଭିତରେ ରହି ଡାକବାଜି ତଥା ଡିଜେ ବ୍ୟବହାର କରିବେ, ଶୋଭାଯାତ୍ରା ସମୟରେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଯିବନି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଖଡ଼ା କମିଟିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖରାଦିନ ହୋଇଥିବାରୁ କମିଟିଗୁଡ଼ିକ ସ୍ଥାନେ ସ୍ଥାନେ ପାଣି ଓ ଓ ଆର ଏସ୍ ବ୍ୟବସ୍ଥା ମଧ କରିବେ। ଶୋଭାଯାତ୍ରା ସମୟରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଅବ୍ୟାହତ ରଖିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହ ଶୋଭାଯାତ୍ରା ଅବରୋଧ ହେଲା ଭଳି ବିଦ୍ୟୁତ ତାର କୌଣସି ସ୍ଥାନରେ ତଳକୁ ଓହଳି ଆସିଥିଲେ ସେ ସବୁକୁ ସଜାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଥାନାସ୍ତରରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ। ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ପିଡ଼ି (ପୁନର୍ବାସ ଓ ଥଇଥାନ), ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଙ୍କ ସମେତ ସମସ୍ତ ବିଡିଓ ତହସିଲଦାର, ପୌର ପାଳିକାର ନିର୍ବାହୀ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ସମ୍ପ୍ରଦାୟର ନେତୃ ସ୍ଥାନୀୟ ବ୍ୟକ୍ତି, ଆଖଡ଼ା କମିଟିର ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

# ମୀମାଂସା ଦର୍ଶନ ଓ ବେଦାନ୍ତ ଦର୍ଶନ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଋଷି ଜୈମିନି ମୀମାଂସା ଦର୍ଶନର ପ୍ରଣେତା । ଏହାକୁ ପୂର୍ବ ମୀମାଂସା ମଧ କୁହାଯାଏ । କ୍ରମବଦ୍ଧ ବାର ଅଧାୟ ବିଶିଷ୍ଟ ଏହି ଦର୍ଶନ ଶାସ୍ତ୍ରର ପ୍ରତ୍ୟେକ ଅଧାୟ ଅସମାନୁପାତିକ ପାଦରେ ବିଭକ୍ତ । ପାଦସବୁ ଅଧିକାରଣରେ ବିଭାଜିତ । ମୀମାଂସା ଶବ୍ଦର ଅଭିଧାନିକ ଅର୍ଥ ଗଭୀର ବିଶ୍ଳେଷଣ । ମହାନ ଅନୁଭବ । ଏଥିରେ ଧର୍ମ ବିଷୟକ ବିଚାର ସମାହିତ । ବେଦ ଚିରସ୍ଥାୟୀ । ସମସ୍ତ ଜ୍ଞାନର ଉତ୍ସ । ବେଦ ବର୍ଣ୍ଣିତ ବିଧିବିଧାନ ଧର୍ମ । ଯାହା ବେଦରେ ନିଷିଦ୍ଧ, ତାହା ଅଧର୍ମ । ଧର୍ମ ବିହିତ କର୍ମର ପାଳନ ଓ ନିଷିଦ୍ଧ କର୍ମର ତ୍ୟାଗ କରିବା ଉଚିତ । ଫଳ ଆଶାରେ ବିହିତ କର୍ମ କରିବା ଅନୁଚିତ । ନିଷ୍କାମ କର୍ମ ଧର୍ମ ଅଟେ । ନିଷ୍କାମ କର୍ମରୁ ମୋକ୍ଷ ମିଳେ । ମୋକ୍ଷର ଅନ୍ୟ ନାମ ଅପବର୍ଗ । ଆତ୍ମାର ମୂଳସ୍ୱରୂପ ଚୈତନ୍ୟ ନୁହେଁ । ଶରୀର ସଂଯୋଗରେ ଆସିଲେ ଆତ୍ମାରେ ଚେତନ ସୃଷ୍ଟି ହୁଏ । ଶରୀର ସହ ସମ୍ପର୍କ ନଷ୍ଟ ହେଲେ ଚେତନହୀନ ହୁଏ । ମୀମାଂସା ଦର୍ଶନ ପାଞ୍ଚଟି ପ୍ରମାଣର ବ୍ୟାଖ୍ୟା କରେ । ପ୍ରତ୍ୟକ୍ଷ, ଅବମାନ, ଉପମାନ, ଶବ୍ଦ ଓ ଅର୍ଥାପତ୍ତି ।

ମୀମାଂସା ଭୌତିକ ଜଗତକୁ ମାନେ । ଈଶ୍ୱରଙ୍କ ସତ୍ତା ଅସ୍ୱୀକାର କରେ । ଜଗତ ଅନାଦି, ଅନନ୍ତ ଅଟେ । ଏହାର ନା ସୃଷ୍ଟି ଅଛି ନା ପ୍ରଳୟ । ସାଂସାରିକ ବସ୍ତୁ ଜୀବାତ୍ମାର ପୂର୍ବାର୍ଜିତ କର୍ମ ଅନୁସାରେ ଭୌତିକ ତତ୍ତ୍ୱରୁ ନିର୍ମିତ ହୁଏ । ମୀମାଂସା ଶାସ୍ତ୍ରୀମାନେ କହନ୍ତି, ବ୍ୟକ୍ତିର ଯଜ୍ଞାଦି କର୍ମରୁ ଏକ ଶକ୍ତି ଉତ୍ପନ୍ନ ହୋଇଥାଏ । ଯାହାକୁ ଅପୂର୍ଣ୍ଣ କୁହାଯାଏ । ଅପୂର୍ଣ୍ଣ ଶକ୍ତି ହେତୁ ଇହଲୋକରେ କରିଥିବା କର୍ମର ଫଳ ପରଲୋକରେ ଉପଯୋଗ କରାଯାଇପାରେ । ଧର୍ମକର୍ମ ଦ୍ୱାରା ମୃତ୍ୟୁ ପରେ ସ୍ୱର୍ଗସୁଖ ମିଳିଥାଏ । ଏହା ମୀମାଂସା ଦର୍ଶନର ସିଦ୍ଧାନ୍ତ ।

ମୁନି ବାଦରାୟଣ ବେଦାନ୍ତ ଦର୍ଶନର ପ୍ରଣେତା । ଏହାକୁ ଉତ୍ତର ମୀମାଂସା ମଧ କୁହାଯାଏ । ଏଥିରେ ବ୍ରହ୍ମ ବିଷୟକ ବିଚାର ରହିଛି । ଏହା ଚାରି ଅଧାୟ ବିଶିଷ୍ଟ । ପ୍ରତ୍ୟେକ ଅଧାୟ ଚାରିପାଦ ଯୁକ୍ତ । ଏହାର ସୂତ୍ର ସାଂଖ୍ୟା ୫୫୫ । ବେଦାନ୍ତ ଦର୍ଶନ ଉପନିଷଦୀୟ ବାଣୀ ଉପରେ ଗୁରୁତ୍ୱ ଆରୋପ କରେ । ଜ୍ଞାନ ଯୋଗ ଜ୍ଞାନ ପ୍ରାପ୍ତି ପାଇଁ ଅଭିପ୍ରେରିତ କରେ । ବୈଦିକ ଶାସ୍ତ୍ରର ନିର୍ଯାସ ଉପନିଷଦ ଅଟେ । ଉପନିଷଦ ବୈଦିକ ଶାସ୍ତ୍ରର ଅନ୍ତିମ ଭାଗ । ସେହେତୁ ଏହା ବେଦାନ୍ତ ।

କାଳକ୍ରମେ ବେଦାନ୍ତ ଦର୍ଶନ ଛଅ ଭାଗରେ ବିଭକ୍ତ ହେଲା । ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଦ୍ୱୈତ, ଦ୍ୱୈତାଦ୍ୱୈତ, ଶୁଦ୍ଧାଦ୍ୱୈତ, ଏବଂ ଅଚିନ୍ତ୍ୟ ଦ୍ୱୈତାଦ୍ୱୈତ୍ୟ ଅଥବା ଅଚିନ୍ତ୍ୟ ଭେଦଅଭେଦ୍ୟ । ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ମାଧବାଚାର୍ଯ୍ୟ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ ଓ ଚୈତନ୍ୟ ମହାପ୍ରଭୁ ବେଦାନ୍ତ ଦର୍ଶନ ଉପରେ ଭିନ୍ନଭିନ୍ନ ମତ ପୋଷଣ କରନ୍ତି ।

ଆତ୍ମା ଓ ପରମାତ୍ମା ଏକ । ଭିନ୍ନ ନୁହନ୍ତି । ଅଭିନ୍ନ । ଏପରି ବିଶ୍ୱାସ କରନ୍ତି ଅଦ୍ୱୈତବାଦ । ସେମାନଙ୍କ ମତରେ ଏହି ପାର୍ଥକ୍ୟର ଜ୍ଞାନ, ମୁକ୍ତି ପ୍ରଦାନ କରିଥାଏ । ବିଶିଷ୍ଟାଦ୍ୱୈତବାଦୀଙ୍କ ମତରେ ଯଦିଓ ଜଗତ ଓ ଜୀବାତ୍ମା କାର୍ଯ୍ୟତଃ ବ୍ରହ୍ମରୁ ଭିନ୍ନ ଅଟନ୍ତି ତଥାପି ମଧ ସେମାନେ ବ୍ରହ୍ମରୁ ହିଁ ସୃଷ୍ଟ । ତେଣୁ ବ୍ରହ୍ମ ଏକ ହେଲେ ମଧ ଅନେକ । ଦ୍ୱୈତବାଦୀଙ୍କ ମତରେ ଆତ୍ମା ଓ ପରମାତ୍ମା ଭିନ୍ନଭିନ୍ନ ଏବଂ ଭକ୍ତି ହିଁ ଶାଶ୍ୱତ ମୋକ୍ଷର ପଥ । ଦ୍ୱୈତାଦ୍ୱୈତବାଦୀ ବ୍ରହ୍ମକୁ ପରମ ସତ୍ୟ ମାନନ୍ତି । ଏହା ସବୁକିଛି ନିୟନ୍ତ୍ରଣ କରେ । ଈଶ୍ୱର, ଜୀବ ଓ ଜଗତ ମଧରେ ଭେଦ ଏବଂ ଅଭେଦ ସିଦ୍ଧ କରିବା ସହ ଦ୍ୱୈତ ଓ ଅଦ୍ୱୈତଙ୍କ ସ୍ୱରୂପ ସମାନ ଭାବେ ପ୍ରତିଷ୍ଠିତ ବୋଲି ମତ ରଖେ ଭେଦାଭେଦବାଦ ଦର୍ଶନ । ଶୁଦ୍ଧାଦ୍ୱୈତବାଦୀଙ୍କ ମତରେ ଈଶ୍ୱର ଓ ଆତ୍ମା ଅଭିନ୍ନ । ଅଲଗା ଅଲଗା ନୁହନ୍ତି । ସମାନ,ପୃଥକ ନୁହନ୍ତି । ଅଚିନ୍ତ୍ୟ ଭେଦଅଭେଦରେ ରୁଚି ରଖୁଥିବା ଦାର୍ଶନିକ ଜୀବାତ୍ମା ବ୍ରହ୍ମ ଠାରୁ ଉଭୟ ଭିନ୍ନ ଏବଂ ଅଭିନ୍ନ ମଧ ବୋଲି ପ୍ରକାଶ କରନ୍ତି ।

ନାସ୍ତିକବାଦୀ ଭାରତୀୟ ଦର୍ଶନ ମଧରେ ଚାର୍ବାକ (ବୃହସ୍ପତି), ବୌଦ୍ଧଧର୍ମ (ସିଦ୍ଧାର୍ଥ ଗୌତମ), ଜୈନଧର୍ମ ( ମହାବୀର) ଆଦି ପ୍ରସିଦ୍ଧ । ଚାର୍ବାକ ଦର୍ଶନ ଅନ୍ୟ ପୃଥିବୀ ନାହିଁ କୁହେ । ପରଲୋକରେ ବିଶ୍ୱାସ ରଖନ୍ତିନି । ମୃତ୍ୟୁ ମଣିଷର ଅନ୍ତିମ ସତ୍ୟ । ଭୋଗବିଳାସରେ କାଳାତିପାତ କରିବା ମଣିଷର ଅନ୍ତିମ ଉଦ୍ଦେଶ୍ୟ । ମୁକ୍ତ ଓ ସ୍ୱତନ୍ତ୍ର ଇଚ୍ଛାକୁ ପ୍ରାଧାନ୍ୟ ଦିଅନ୍ତି ଏମାନେ । ବୌଦ୍ଧ ଦର୍ଶନ ମଧ ଈଶ୍ୱରଙ୍କୁ ମାନେ ନାହିଁ । ଈଶ୍ୱରଙ୍କ ବିଦ୍ୟମାନତା ଉପରେ ଏମାନଙ୍କର କିଛି ଯାଏ ଆସେ ନାହିଁ । ତାଙ୍କ ମତରେ ସଂସାର ଦୁଃଖପୂର୍ଣ୍ଣ । କଷ୍ଟପୂର୍ଣ୍ଣ ସଂସାରରୁ ମୁକ୍ତି ପାଇଁ ମଣିଷ କର୍ତ୍ତବ୍ୟ କରେ । ଗୌତମ ବୁଦ୍ଧ ବେଦକୁ ଦୃଢ଼ତାର ସହିତ ନିନ୍ଦା କରନ୍ତି ।

ଜୈନ ଦର୍ଶନାନୁସାରେ ବାସ୍ତବିକତାର ଅନୁଭୂତି ଭିନ୍ନଭିନ୍ନ ଭାବେ ବିଭିନ୍ନ ଦୃଷ୍ଟିକୋଣରୁ ହୁଏ । କୌଣସି ଏକ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଏହା ଅନେକାନ୍ତବାଦ । ଅନନ୍ତ ଜ୍ଞାନର ଅଧିକାରୀ ସଠିକ ଉତ୍ତର ଦେବାରେ ସକ୍ଷମ । ଅନ୍ୟମାନେ ଉତ୍ତରର କିଛି ଅଂଶ ଜାଣନ୍ତି । ଏମାନେ ଆତ୍ମାର ଉପସ୍ଥିତି ଉପରେ ବିଶ୍ୱାସ ରଖନ୍ତି । ଚବିଶ ତୀର୍ଥଙ୍କରଙ୍କ ଉପଦେଶ ପାଳନ କରନ୍ତି । ଋଷଭ ପ୍ରଥମ ଏବଂ ମହାବୀର ଚବିଶତମ ତୀର୍ଥଙ୍କର ଅଟନ୍ତି ।

ଭାରତୀୟ ହିନ୍ଦୁ ଦର୍ଶନ ବେଦରୁ ଆରମ୍ଭ । ଆଚାର୍ଯ୍ୟ ରାଜନୀଶ ସ୍ୱାଧୀନତା ପରବର୍ତ୍ତୀ ଅନ୍ତିମ ଆଧୁନିକ ଦାର୍ଶନିକ । ତାଙ୍କପରେ ଭାରତୀୟ ଦର୍ଶନରେ ଆଉ ସିମିତି ଆଖିଦୃଶିଆ ବିକାଶ କିମ୍ବା ପରିବର୍ତ୍ତନ ଦେଖିବାକୁ ମିଳେନାହିଁ । ଭାରତୀୟ ଦର୍ଶନରେ ମହିଳାଙ୍କ ଯୋଗଦାନ ଖୁବ କମ । ନାହିଁ କହିଲେ ଚଳେ । ଉପନିଷଦୀୟ କାଳରେ କିଛି ବିଦୂଷି ମହିଳାଙ୍କ ନାମ ସାମ୍ନାକୁ ଆସେ । ସେମାନଙ୍କ ମଧରେ ଲୋପାମୁଦ୍ରା, ଗାର୍ଗୀ, ମୈତ୍ରୀ, ଘୋଷା ଆଦି ପ୍ରମୁଖ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ଝାରସୁଗୁଡ଼ା ଡିଏଭିର ବାର୍ଷିକ ଉତ୍ସବ



ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭିର ୨୭ ତମ ବାର୍ଷିକ ଉତ୍ସବ ଡିଏଭି ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଡିଏଭି କଲେଜ ମ୍ୟାନେଜିଂ କମିଟି, ନୂଆ ଦିଲ୍ଲୀର ସମ୍ପାଦକ ତଥା ବିଦ୍ୟାଳୟ ପରିଚାଳନା ସମିତି ଚେୟାରମ୍ୟାନ ମହେଶ ଚୋପ୍ରାଙ୍କ ଆବାହକତ୍ୱ ଓ ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉତ୍ତରାଞ୍ଚଳ ପୁଲିସ୍ ଆଇଜି ପି. ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାଏକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଏ.ଆର.ଓ ତଥା ବୁର୍ଲା ଡିଏଭି ଅଧକ୍ଷା ରଶ୍ମି ମିଶ୍ର ଅତିଥିଙ୍କ ସ୍ୱାଗତ ଓ ପରିଚୟ କରାଇଥିବା ବେଳେ ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଡିଏଭି ସେମିନାରି' ଓ ଯୁବ ଶିଶୁ ସାହିତ୍ୟିକଙ୍କ ପ୍ରତିଭା ସମ୍ପର୍କିତ ହିନ୍ଦୀ ବିଶେଷାଙ୍କ 'କିଶୋର କଲମ' ଉନ୍ମୋଚିତ ହୋଇଥିଲା । ପୁଷ୍ପାଞ୍ଜଳି ପଣ୍ଡା, ପରିଚାଳନା ସମିତି ସଭ୍ୟ ତାପସ କୁମାର ରାୟ ଚୌଧୁରୀ, ଗୌରୀଶଙ୍କର ତିୱାରୀ, ଅବସରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର ପଣ୍ଡା ଓ ଅଧାପିକା ମନ୍ଦାକିନୀ ଶତପଥୀ, ଅଧାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ, ଅଧକ୍ଷ ରାଜେନ୍ଦ୍ର ବେଦବାକ, ଅଧକ୍ଷ ଚିନ୍ମୟ ମହାପାତ୍ର ଓ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତି ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ନାଟକ ସମ୍ଭାର ପରିବେଷଣ ପରିସରରେ ଭରପୂର ଥିବା ଅଭିଭାବକ ମହଲରେ ରୋମାଞ୍ଚ ସୃଷ୍ଟି କରିଥିଲା । ଡକ୍ଟର ମଞ୍ଜୁଶ୍ରୀ ବେଦୁଲା ଓ ଅଲେଖ ବିହାରୀ ସାହୁ ସଭା ସଞ୍ଚାଳନ କରିଥିବା ବେଳେ ରାହାସ ବିହାରୀ ଦାଶ, ନୀଳିମା ପଟେଲ, ବିଜୟ ଦାଶ, ଅକ୍ଷୟ ପାଣି, ମଜୁମ ସାହୁ, ମନିଷା ଚାନ୍ଦ, ଅପର୍ଣ୍ଣା ଦେ, ଅଞ୍ଜଳି ବାଲ ସୁବ୍ରମନ୍ୟମ୍ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସମାରୋହରେ ସହଯୋଗ କରିଥିଲେ ।

# ପିତୃତ୍ୱ ଓ ମାତୃତ୍ୱର ମୂଳ ତତ୍ତ୍ୱ

## ଡଃ ଧୀରେନ୍ଦ୍ର କୁମାର ନାୟକ

ପିତୃତ୍ୱ ଓ ମାତୃତ୍ୱ ଏକ ଅନ୍ତର୍ନିହିତ ଯାତ୍ରା, ଏକ ଆହ୍ୱାନ ଯେଉଁଥିରେ ଭାବନା ଏବଂ ଶିଖିବାର ସୁଯୋଗ ରହେ । ଏହି ଯାତ୍ରା ଶିଶୁକୁ ଏକ ଉତ୍ତମ ମନୁଷ୍ୟ ଭାବରେ ଗଢ଼ି ତୋଲିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏକ ଶିଶୁ ତାଙ୍କପିତାମାତାଙ୍କର ଅସୀମ ସ୍ନେହ ଏବଂ ସମର୍ଥନ ଦ୍ୱାରା ଆତ୍ମବିଶ୍ୱାସ ଏବଂ ଆନନ୍ଦ ପ୍ରାପ୍ତ କରେ । ଏକ ଉତ୍ତମ ପିତାମାତାର ଲକ୍ଷ୍ୟ କେବଳ ଶିଶୁକୁ ଏକ ଭଲ ଭବିଷ୍ୟତ ଦେବା ନୁହେଁ, ବରଂ ଏହି ଅଭିଯାନର ଉଦ୍ଦେଶ୍ୟ ଅଟେ ଶିଶୁଙ୍କୁ ଏକ ନୈତିକ, ଦୟାଳୁ ଏବଂ ଦାୟିତ୍ୱପୂର୍ଣ୍ଣ ମନୁଷ୍ୟ ଭାବରେ ଗଢ଼ି ତୋଳିବା । ନିରନ୍ତର ପ୍ରେରଣା ଏବଂ ଆତ୍ମୀୟତା ଦ୍ୱାରା ଏହି ଭାବନାତ୍ମକ ଯୋଗାଯୋଗ ଗଢ଼ି ତୋଳେ । ପିତା ମାତାଙ୍କ ଅନୁଶାସନ କେବଳ ଦଣ୍ଡ ନୁହେଁ ବରଂ ଏହା ଏକ ନୈତିକ ଅଭ୍ୟାସ ଓ ଜୀବନର ନୈତିକ ଶିକ୍ଷା ଅଟେ । ସ୍ପଷ୍ଟ ସୀମା ନିର୍ଦ୍ଧାରଣ, ଅନୁଶାସନରେ ନିରନ୍ତରତା ଏବଂ ଶିଶୁଙ୍କୁ ଯେତେବେଳେ କହିବା ଆବଶ୍ୟକ ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିଶୁ ଦେଖି ଶିଖେ ଶୁଣି ନୁହେଁ । ଆପଣ ଯଦି ସତ୍ୟ, ଆଦର, ଦୟା ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଦେଖାନ୍ତି, ତେବେ ଶିଶୁ ଏହି ଗୁଣଗୁଡ଼ିକୁ ଅନୁକରଣ କରିବ । ଶିଶୁଙ୍କୁ ନିଜେ ନିଜ ନିର୍ଦ୍ଧିଷ୍ଟ କାର୍ଯ୍ୟ କରିବାର ସୁଯୋଗ ଦେଇ ଆତ୍ମନିର୍ଭରତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ଦରକାର । ଉଚିତ ମାର୍ଗଦର୍ଶନ ଦେଇ ଶିଶୁଙ୍କୁ ନିଜେ ସଠିକ ନିଷ୍ପତ୍ତି ନେବାର ଅଭ୍ୟାସ କରିବାରେ ସାହାଯ୍ୟ କରିବା ପିତା ମାତାର ଏକ ପ୍ରମୁଖ ଭୂମିକା । ଏକ ସୁସ୍ଥ ପାରିବାରିକ ପରିବେଶ ସେଥିରେ ଥାଏ ଯେଉଁଠି ଶିଶୁ ନିର୍ଭୟ ଭାବରେ ନିଜ ଭାବନା ବ୍ୟକ୍ତ କରିପାରିବ । ଚିନ୍ତା-ଉତ୍ତେଜନା ବାହାର କରିବା ଏବଂ ସହଯୋଗ ମାଧମରେ ଯୋଗାଯୋଗ ଶିଶୁଙ୍କୁ ଉନ୍ନତି କରିବାରେ ସାହାଯ୍ୟ କରିବ । ଏକ ଶିଶୁ ମାନସିକ ଏବଂ ଶାରୀରିକ ଭାବରେ ସୁସ୍ଥ ରହିବା ନିହାତି ଆବଶ୍ୟକ । ଆହାର, ବ୍ୟାୟାମ, ନିୟମିତ ବିଶ୍ରାମ ଏବଂ ଏକ ସୁସ୍ଥ ପରିବେଶ ତାଙ୍କ ଉନ୍ନତିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏକ ଶିଶୁର ଜୀବନରେ ଆତ୍ମବିଶ୍ୱାସ ଏକ ମୂଖ୍ୟ ଅଂଶ । ଯଦି ଶିଶୁ ନିଜେ ନିଜ ନିଷ୍ପତ୍ତି ନେବା ଅବସର ପାଏ ଏବଂ ତାହାର ପରିଣାମ ଅନୁଭବ କରିପାରେ, ତାହାହେଲେ ସେ ଜୀବନରେ ଅଧିକ ଦୃଢ଼ ଏବଂ ଆତ୍ମନିର୍ଭର ହୋଇପାରିବ । ପିତାମାତାଙ୍କ ପାଖରେ ଶିଶୁଙ୍କ ସହ ଆନନ୍ଦ ଓ ସମୟ ବିତାଇବାର ଅଭିବୃଦ୍ଧି ହେଉଛି ଏକ ମୂଖ୍ୟ ଅଂଶ ।

ଏକ ସାଧାରଣ କଥା ହେଉଛି, 'ଶିଶୁ ପ୍ରେମ ଓ ସମୟ ଅଧିକ ପସନ୍ଦ କରେ, ଉପହାର ନୁହେଁ । ଏହି କଥା ଉପରେ ଗୁରୁତ୍ୱ ଦେଇ, ମା'ବାପା ଏକ ନିକଟତମ ଏବଂ ଅଭିନ୍ନ ସମ୍ପର୍କ ଉପସ୍ଥାପନ କରିପାରନ୍ତି । ଶୈଶବ ଅବସ୍ଥାରେ ଶିଶୁ ଅଧିକତମ ଭାବରେ ନିଜ ମା'ବାପା ଉପରେ ନିର୍ଭରଶୀଳ ରହନ୍ତି । ସ୍ନେହ ଏବଂ ନିର୍ଭୟତା ଦେଇ ଏହି ପର୍ଯ୍ୟାୟ ଉପରେ ଗୁରୁତ୍ୱ ଦେବା ଦରକାର । କିଶୋର ଅବସ୍ଥାରେ ଶିଶୁ ଅଧିକ ସ୍ୱାଧୀନତା ଆଶା କରିଥାଏ, ଯଦିଓ ସେମାନଙ୍କୁ ପ୍ରଶାସନ ଏବଂ ମାର୍ଗଦର୍ଶନ ଆବଶ୍ୟକ । ଆତ୍ମୀୟ ସମ୍ପର୍କ ରଖି ଏହି ଅବସ୍ଥାରେ ସେମାନଙ୍କୁ ସମର୍ଥନ ଦେବା ଦରକାର । ଯେତେବେଳେ ଶିଶୁ ଟି ପ୍ରାପ୍ତ ବୟସ୍କ ହୁଏ ମା'ବାପା ଏକ ମାର୍ଗଦର୍ଶକ ଭୂମିକା ନେଇଥାନ୍ତି ଏବଂ ତାଙ୍କ ସନ୍ତାନଙ୍କୁ ନିଜେ ନିଷ୍ପତ୍ତି ନେବାରେ ସହାୟତା କରିଥାନ୍ତି ।

ପିତାମାତା କେବଳ ଶିଶୁ ଲାଳନ-ପାଳନ ନୁହେଁ, ଏହା ଏକ ଶିଖିବା ଏବଂ ଅନୁଭବ କରିବାର ଯାତ୍ରା । ଏକ ଗଭୀର ଅଭିଜ୍ଞତା ଏବଂ ଦୂରଦୃଷ୍ଟିପୂର୍ଣ୍ଣ ଯାତ୍ରା । ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ନିଜ ଶିଶୁଙ୍କୁ ଦୟାଳୁ, ଦାୟିତ୍ୱପୂର୍ଣ୍ଣ ଏବଂ ସ୍ୱାଧୀନ ବ୍ୟକ୍ତି ଭାବରେ ଗଢ଼ି ତୋଳିବା ।ସନ୍ତାନଙ୍କ ଜୀବନର ନୈତିକ, ଶିକ୍ଷାତ୍ମକ ଏବଂ ଭାବନାତ୍ମକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା । ଏକ ଦୃଢ଼ ବନ୍ଧନ ଉତ୍ପନ୍ନ କରିବା ।

**ଅଧକ୍ଷ, ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ, ବିନିକା**

## ଝାଡେଶ୍ୱର ମନ୍ଦିରକୁ ୨ କୋଟି ଟଙ୍କା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା : ଝାଡେଶ୍ୱର୍ ମନ୍ଦିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୨ କୋଟି ଟଙ୍କା ଦିଆଯାଇଛି । ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ଝାଡେଶ୍ୱର୍ ମନ୍ଦିର ଗସ୍ତ କରି ଝାଡେଶ୍ୱର୍ ମନ୍ଦିର ବିକାଶ ପାଇଁ ୨ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ତେବେ ଏହି ସମୟରେ ଝାଡେଶ୍ୱର ମନ୍ଦିର ବିକାଶ ପାଇଁ ଅର୍ଥର ଆବଶ୍ୟକ ହେଲେ ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଝାରସୁଗୁଡ଼ା ବିକାଶରେ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଛନ୍ତି ।

### ଆଜିର ଚିନ୍ତନ

ସମ୍ରାଟ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିବା ପରେ ପ୍ରଜାମାନଙ୍କ କଲ୍ୟାଣ ନିମନ୍ତେ ଅନେକ କାର୍ଯ୍ୟ କଲେ । ଥରେ ସେ ନିଜ ଅଧୀନରେ ଥିବା ସମସ୍ତ ରାଜାଙ୍କୁ ଡକାଇ କହିଲେ– 'ଆଗାମୀ ବର୍ଷ ଯେଉଁ ରାଜାଙ୍କ କାର୍ଯ୍ୟ ସର୍ବଶ୍ରେଷ୍ଠ ହେବ, ତାଙ୍କୁ ମୁଁ ବ୍ୟକ୍ତିଗତ ରୂପେ ପୁରସ୍କୃତ କରିବି ।'' ଏହି ଘୋଷଣା ଶୁଣି ସମସ୍ତ ରାଜା ଉତ୍ସାହପୂର୍ବକ ନିଜ ନିଜ ରାଜ୍ୟରେ କାର୍ଯ୍ୟ କରିବାରେ ଲାଗି ପଡ଼ିଲେ । ଏକ ବର୍ଷ ପରେ ରାଜାମାନେ ନିଜ ଉପଲବ୍ଧିଗୁଡ଼ିକର ବିବରଣ ଦେବା ପାଇଁ ସମ୍ରାଟ ଅଶୋକଙ୍କ ଦରବାରରେ ଉପସ୍ଥିତ ହେଲେ । ସମସ୍ତେ ପ୍ରକାରାନ୍ତରରେ କହିଲେ ଯେ ସେମାନେ ପ୍ରଜାଙ୍କ ଉପରେ ଅଧିକ କର ଲଗାଇ ରାଜକୋଷ ବୃଦ୍ଧି କରିଛନ୍ତି, କିନ୍ତୁ ଜଣେ ରାଜା କହିଲେ– 'ମହାରାଜ ! ମୁଁ ରାଜକୋଷ ତ ବଢ଼ାଇ ପାରି ନାହିଁ, କିନ୍ତୁ ମୋ ରାଜ୍ୟରେ ବିଦ୍ୟାଳୟ, ଚିକିତ୍ସାଳୟ, ଧର୍ମଶାଳା ଗୁଡ଼ିକର ସ୍ଥାପନା କରାଇଛି ନିଶ୍ଚୟ । ଜନହିତରେ କରାଯାଇଥିବା ତାଙ୍କର କାର୍ଯ୍ୟଗୁଡ଼ିକୁ ଶୁଣି ସମ୍ରାଟ ଅଶୋକ ଗଦ୍‌ଗଦ୍ ହୋଇଗଲେ ଏବଂ ସମସ୍ତଙ୍କୁ ସମ୍ବୋଧନ କରି କହିଲେ– 'ପ୍ରଜାମାନଙ୍କ ଶୋଷଣ କରି ରାଜ୍ୟର ଆୟ ବୃଦ୍ଧି କରିବା ଶାସକର କର୍ତ୍ତବ୍ୟ ନୁହେଁ, ବରଂ ପ୍ରଜାମାନଙ୍କୁ କଷ୍ଟଗୁଡ଼ିକରୁ ମୁକ୍ତ କରାଇବା ଶାସକର କାର୍ଯ୍ୟ । ତେଣୁ ଏଇ ରାଜା ହିଁ ପୁରସ୍କାରର ଅଧିକାରୀ ।

ବର୍ଷ ୨୯, ସଂଖ୍ୟା - ୧୩, ୩୦ ମାର୍ଚ୍ଚ - ୫ ଅପ୍ରେଲ ୨୦୨୫

# ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତି


**ସା**ର୍ ଡାଭିଡ୍ ଆଟେନବର୍ଗ ଥରେ ବିଶ୍ୱ ପରିବେଶ ସମ୍ବନ୍ଧୀୟ ଆଲୋଚନାଚକ୍ରରେ ଏକ ନୈରାଶ୍ୟଜନକ ମନ୍ତବ୍ୟ ଦେଇ କହିଥିଲେ, 'ଆମେ ଏବେ ଅନେକପ୍ରକାର ପ୍ରାଣୀଙ୍କ ବିଲୁପ୍ତି ଓ ପ୍ରାୟତଃ ସଭ୍ୟତାର ଅନ୍ତିମ ପର୍ଯ୍ୟାୟ ଭଳି ସଂକଟର ସମ୍ମୁଖୀନ ହୋଇଛୁଁ । ଭାରତବର୍ଷର ସାମ୍ପ୍ରତିକ ପରିସ୍ଥିତିରେ ଉପରୋକ୍ତ ମନ୍ତବ୍ୟର ଗୁରୁତ୍ୱ ରହିଛି ।

ବାହ୍ୟ ପ୍ରଦୂଷଣ ସହିତ ମଣିଷର ଅନ୍ତଃ ପ୍ରଦୂଷଣ ସମାନ୍ତରାଳ ଗତିରେ ଚାଲିଥିଲା ଭଳି ଅନୁଭୂତ ହେଉଛି । ଇତିହାସର ବର୍ଣ୍ଣନା ଅନୁଯାୟୀ ଅଶୋକ କଳିଙ୍ଗ ଆକ୍ରମଣ କରିବା, ଅଙ୍ଗୁଳିମାଳ ଦସ୍ୟୁ ବୃତ୍ତି ଆଚରଣ କରି ଲୋକହତ୍ୟା କରିବା, ୨୩ତମ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କୁ ତାଙ୍କ ଭାଇ କାମାଥ୍ କ୍ରମାଗତ ନିର୍ଯାତନା ଦେବା, ଏପରିକି ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସେମାନଙ୍କ ପ୍ରଦୂଷିତ ଅନ୍ତରର ପରିଚାୟକ । ଅବଶ୍ୟ ଅଶୋକ, ଅଙ୍ଗୁଳିମାଳ, କାମାଥ୍ ପ୍ରମୁଖ ସେମାନଙ୍କ କାର୍ଯ୍ୟ ପାଇଁ ପରବର୍ତ୍ତୀ ସମୟରେ ଅନୁତପ୍ତ ହୋଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ବାୟୁସେନା ପର୍ଲ୍ ହାର୍ବରକୁ ଧ୍ୱଂସ କରିବା ଏବଂ ତା'ର ପ୍ରତିକ୍ରିୟା ସ୍ୱରୂପ ଆମେରିକୀୟ ବାୟୁସେନା ଜାପାନର ହିରୋସୀମା, ନାଗାସାକୀରେ ପରମାଣୁ ବୋମା ନିକ୍ଷେପ କରି ଦୁଇ ସୁନ୍ଦର ନଗରକୁ ଧ୍ୱଂସ କରିଦେବା, ୨୦୦୧, ସେପ୍ଟେମ୍ବର ୧୧ତାରିଖରେ ଆତଙ୍କବାଦୀ ଆକ୍ରମଣରେ ନ୍ୟୁୟର୍କ ନଗରର ବିଶ୍ୱବାଣିଜ୍ୟ ସଂଗଠନ ସୌଧ ଧୂଳିସାତ୍ ହୋଇଯିବା ଭଳି ଘଟଣାଗୁଡ଼ିକ କିଛି ମଣିଷଙ୍କ ଅନ୍ତରର ଆବିଳତା, ହିଂସା, ପ୍ରତିହିଂସା, ପ୍ରତିକ୍ରିୟାଶୀଳତା, ପ୍ରତିଶୋଧପରାୟଣତାକୁ ସୂଚାଇ ଦେଉଛି । ଅନ୍ତର ଦୂଷିତ ହେଲେ ମଣିଷ ସ୍ୱାଭାବିକ ଭାବରେ ଦୋଷଯୁକ୍ତ କର୍ମରେ ପ୍ରବୃତ୍ତ ହୋଇଥାଏ ।

ଉଭୟ ଦୃଷ୍ଟିରୁ ବିଚାର କଲେ ବାହ୍ୟ ଓ ଅନ୍ତଃ ପ୍ରଦୂଷଣ ଯୋଗୁଁ ମଣିଷ ସୁସ୍ଥ, ଶାନ୍ତ, ସୁଖୀ ଜୀବନ ଯାପନ କରିପାରୁ ନାହିଁ । କିଛି ଅହଂକାରୀ, ଅସଂଯମୀ ମଣିଷ ନିଜ ଅନ୍ତଃକରଣକୁ ଆବିଳ ଅସୁନ୍ଦର କରିବା ସହିତ ବହିଃ ପ୍ରକୃତି ଉପରେ ଅତ୍ୟାଚାର କରି ତାକୁ କୁତ୍ସିତ, କଦାକାର କରୁଛନ୍ତି । ସମ୍ବାଦପତ୍ରର ସୂଚନା ଅନୁଯାୟୀ ଅନେକ ଅଞ୍ଚଳରେ ରହିଛି ବଡ଼ ବଡ଼ ପାହାଡ଼, ବିବିଧ ଔଷଧୀୟ ବୃକ୍ଷରେ ଭରା ଘଞ୍ଚ ଜଙ୍ଗଲ, ଆଦିବାସୀମାନଙ୍କ ବାସଭୂମି, ଭୂମି ତଳେ ଅମାପ ଖଣିଜ ସମ୍ପଦ । ଏବେ ସେଠି ଆଇନ୍ ବହିର୍ଭୂତ ପନ୍ଥାରେ କିଛି ପଥରମାଫିଆ ବିଭିନ୍ନ ରାସାୟନିକ ସାମଗ୍ରୀ ସାହାଯ୍ୟରେ ବ୍ଲାଷ୍ଟି କରି ପାହାଡ଼କୁ ନଷ୍ଟ କରୁଛନ୍ତି, ଖଣିଜଦ୍ରବ୍ୟ ଲୁଣ୍ଠନ କରୁଛନ୍ତି ସ୍ଥାନୀୟ ପ୍ରଶାସନର ଜ୍ଞାତସାରରେ । ଗୃହପାଳିତ ପଶୁମାନେ ଚରାଭୂଇଁରେ ଚରିବାରୁ ଏବଂ ଆଦିବାସୀମାନେ ଜୀବନଧାରଣର ମୌଳିକ ଅଧିକାରରୁ ବଞ୍ଚିତ ।

ପରିବେଶ ପ୍ରଦୂଷଣ ମୂଳରେ ରହିଛି ସେହି ମଣିଷମାନଙ୍କ ଅହଂକାର, ଅସଂଯମ । ପ୍ରଥମ ଜୈନ ତୀର୍ଥଙ୍କର ଋଷଭଦେବ ମଣିଷକୁ ନିରହଂକାର, ସଂଯମୀ ହୋଇ ଶାନ୍ତ ଓ ସୁସ୍ଥ ପରିବେଶରେ ସୁଖୀ ଜୀବନ ବଞ୍ଚିବାର ମୂଳ ମନ୍ତ୍ର ଦେଇଛନ୍ତି । ଜୈନମାନେ ପ୍ରତିବର୍ଷ ଭାଦ୍ରପଦ ଶୁକ୍ଳର ପଞ୍ଚମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରୁଥିବା ପର୍ଯ୍ୟୁଷଣ ପର୍ବ ଧର୍ମର ଦଶବିଧ ଉପାଦାନର ସୂଚକ । ଯଥା କ୍ଷମା, ମାର୍ଦ୍ଦଭ (ନମ୍ରତା), ଅର୍ଜଭ (ସ୍ପଷ୍ଟବାଦିତା), ଶୌଚ (ପରିଚ୍ଛନ୍ନତା), ସତ୍ୟ, ସଂଯମ, ତପ, ତ୍ୟାଗ, ଅକିଞ୍ଚନ (ଅନାସକ୍ତି), ବ୍ରହ୍ମଚର୍ଯ୍ୟ । ନମ୍ରତାର ସହିତ ସଂଯମ ପାଳନ କରି ପରିବେଶକୁ ପରିଚ୍ଛନ୍ନ ରଖିଲେ ତାହା ସୁରକ୍ଷିତ ରହିବା ସହିତ ମଣିଷ ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତ ହୋଇପାରିବ ବୋଲି ଋଷଭଦେବଙ୍କ ମତ । 'ନମ୍ରତା'ର ଇଂରାଜୀ ଶବ୍ଦ 'ହ୍ୟୁମିଲିଟି' ଲାଟିନ୍ 'ହ୍ୟୁମସ୍' ଶବ୍ଦରୁ ଆସିଛି, ଯାହାର ଅର୍ଥ 'ଭୂମି ସହିତ ସଂଲଗ୍ନ' ବା 'ଭୂମିରୁ ଉତ୍ତ' । ନମ୍ରତା ମଣିଷକୁ ବିପୁଳ ଅନ୍ତଃ ଶକ୍ତି ପ୍ରଦାନ କରେ । ଯାହା ତା'ର ଅନ୍ତର ଓ ଚତୁଃପାର୍ଶ୍ୱକୁ ପବିତ୍ର କରିପାରେ । 'ଶ୍ରୀମଦ୍‌ଭଗବତ୍ ଗୀତା'ର ବର୍ଣ୍ଣନା ଅନୁଯାୟୀ 'ପ୍ରଜ୍ଞା'ର ୨୦ଟି ଗୁଣ ମଧ୍ୟରୁ 'ଅମାନିତ୍ୱମ୍ ବା ଅହଂହୀନତା, ନମ୍ରତା ହେଉଛି ପ୍ରଥମ । ମହାତ୍ମା ଗାନ୍ଧୀଙ୍କ ବିଚାରରେ, ନମ୍ରତା ଏକ ଅତ୍ୟାବଶ୍ୟକ ସଦ୍‌ଗୁଣ, ଯାହା ଜଣେ ମଣିଷର ରହିଲେ ଯାଇ ତା'ଠାରେ ଅନ୍ୟ ସଦ୍‌ଗୁଣଗୁଡ଼ିକ ସ୍ୱାଭାବିକ ଭାବରେ ବିକଶିତ ହେବ । ସପ୍ତଦଶ ଶତାବ୍ଦୀରେ ଫ୍ରାନ୍ସରେ ଜନ୍ମ ନେଇଥିବା ବ୍ରଦର୍ ଲରେନ୍ସ ଥିଲେ ଭଦ୍ର, ନମ୍ର । କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନଥିଲେ ମଧ୍ୟ ତାଙ୍କର ସତ୍‌କଥନ, ସତ୍‌କର୍ମରୁ ସନ୍ନ୍ୟାସୀର ପବିତ୍ର ଜ୍ୟୋତି ନିର୍ଗତ ହେଉଥିଲା । ସେ କହୁଥିଲେ, 'ମୁଁ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥନା-ଶୃଙ୍ଖଳା ଅଭ୍ୟାସ କରେ ନାହିଁ । ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ମୋର ନାହିଁ । ମୁଁ କାହିଁକି ଉପବାସ କରିବି ? ପ୍ରାର୍ଥନା ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବି ? ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ସଚେତନ ଭାବରେ ସମସ୍ତଙ୍କୁ ଶ୍ରଦ୍ଧା କରିବାର ଅଭ୍ୟାସ କରୁଛି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ କର୍ମ କରୁଛି ତେବେ ଏପରି ଆଧ୍ୟାତ୍ମିକ ପଦ୍ଧତିଗୁଡ଼ିକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ । ମୁଁ କେବେ କୌଣସି ବୃଥା, ନିରର୍ଥକ ଚିନ୍ତା କରେ ନାହିଁ । ସବୁବେଳେ ଅନୁଭବ କରେ, ଈଶ୍ୱରଙ୍କ ଉପସ୍ଥିତିରେ ମୁଁ ଚଳପ୍ରଚଳ ହେଉଛି । ପ୍ରତିଦିନର ବ୍ୟସ୍ତତମ ମୁହୂର୍ତ୍ତ ଓ ପ୍ରାର୍ଥନା ମଣ୍ଡପର ନିରବ ମୁହୂର୍ତ୍ତ ମଧ୍ୟରେ ମୁଁ କୌଣସି ପ୍ରଭେଦ ଲକ୍ଷ୍ୟ କରେ ନାହିଁ । ମୋର କେବଳ ପ୍ରାର୍ଥନା-ଅଭ୍ୟାସ ହେଉଛି ଏକାଗ୍ରତା । ମୋର ଅନୁଭବ ହୁଏ, ଯେମିତି ମୁଁ ଅଭ୍ୟାସଗତ ଭାବରେ ନିରବରେ ଗୋପନରେ ଈଶ୍ୱରଙ୍କ ସହିତ କଥା ହେଉଛି, ଯାହା ମୋତେ ବିପୁଳ ଆନନ୍ଦରେ ପୂର୍ଣ୍ଣ କରେ ।'

ଏବେ ଗାଁ, ସହର ସବୁଯାଗାରେ ଲୋକେ ବିଭିନ୍ନ ଧର୍ମଗୁରୁଙ୍କର ଆଶ୍ରିତ । ନିର୍ଦ୍ଧାରିତ ସମୟରେ ସଙ୍ଗରେ ଯୋଗ ଦେଉଛନ୍ତି, ବଡ଼ ପାଟିରେ ପ୍ରାର୍ଥନା ବୋଲୁଛନ୍ତି, ଆବଶ୍ୟକ ସ୍ଥଳେ ଉପବାସ କହୁଛନ୍ତି । ଅଥଚ ସରକାରୀ ଚାକିରିରେ ଥାଇ ଉଚ୍ଚ ବେତନଭୋଗୀ ହୋଇ ଜନସାଧାରଣଙ୍କ ଠାରୁ ଉତ୍କୋଚ ଆଦାୟରେ ବ୍ୟସ୍ତ ଅଛନ୍ତି । ଆଉ ଦଳେ ନିଶାସକ୍ତ, ଅନୈତିକ ଯୌନାଚାରଲିପ୍ତ ହୋଟେଲ୍, ରେସ୍ତୋରାଁ, ରାଜରାସ୍ତାରେ କଳହରତ । ପାହାଡ଼ ପର୍ବତରେ ଅବିଚାରିତ ଭାବରେ ଗଛକଟା ଚାଲିଛି ଖଣିଜ ସାମଗ୍ରୀର ବେଆଇନ୍ ଖନନ ଚାଲିଛି, ନଦୀ ନାଳର ଜଳରାଶି ପ୍ରଦୂଷିତ, ବାୟୁମଣ୍ଡଳ ଅସ୍ୱାସ୍ଥ୍ୟକର । କିଛି ଡିଗ୍ରୀ ଡିପ୍ଲୋମାଧାରୀ ସ୍ଥଳ ଜଳଭାଗକୁ ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ଫିଙ୍ଗିବାରେ ଅଭ୍ୟସ୍ତ । ବାହ୍ୟ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ସମୟୋଚିତ କିଛି କିଛି ସରକାରୀ ବ୍ୟବସ୍ଥା ହୋଇପାରେ, କିନ୍ତୁ ଉଭୟ ବାହ୍ୟ ଓ ଅନ୍ତଃ ପ୍ରଦୂଷଣର ନିରାକରଣ ପାଇଁ ପ୍ରତ୍ୟେକ ବ୍ୟକ୍ତିର ଆତ୍ମସଂଯମ ଆବଶ୍ୟକ ।



# ଆତ୍ମବିଶୋଧନ

## ମହାତ୍ମା ଗାନ୍ଧୀ

**ଆ**ତ୍ମବିଶୋଧନ ବ୍ୟତୀତ ଜୀବନ ଧାରଣ କରି ରହିଥିବା ସବୁକିଛି ସହିତ ଏକାତ୍ମତା ଅର୍ଜନ କରିବା ଆଦୌ ସମ୍ଭବ ନୁହେଁ । ଆତ୍ମବିଶୋଧନ ବ୍ୟତୀତ ଅହିଂସାବିଧାନର ପାଳନ କେବଳ ଏକ ଶୂନ୍ୟଗର୍ଭ ସ୍ୱପ୍ନରେ ହିଁ ପରିଣତ ହୋଇ ରହିବ । ଯାହାର ହୃଦୟ ଶୁଦ୍ଧ ହୋଇ ନାହିଁ, ସିଏ କଦାପି ଈଶ୍ୱରଙ୍କର ଉପଲବ୍ଧି କରି ପାରିବ ନାହିଁ । ତେଣୁ ଆତ୍ମ ବିଶୋଧନ କହିଲେ ଜୀବନର ଯାବତୀୟ କ୍ଷେତ୍ରର ବିଶୋଧନକୁ ହିଁ ବୁଝାଇବା ଉଚିତ ଏବଂ ବିଶୋଧନର ଏହି ପ୍ରକ୍ରିୟାଟି ଅତ୍ୟନ୍ତ ସଂକ୍ରାମକ ହୋଇଥିବାରୁ ଆପଣାର ବିଶୋଧନ ଅବଶ୍ୟମ୍ଭାବୀଭାବରେ ଆପଣା ପରିବେଷ୍ଟନୀର ବିଶୋଧନକୁ ମଧ୍ୟ ସମ୍ଭବ କରାଇ ଆଣିବ ।

ମାତ୍ର, ବିଶୋଧନର ମାର୍ଗ ଭାରି କଠିନ, ଭାରି ତୀଖଣ । ପରିପୂର୍ଣ୍ଣ ଶୁଦ୍ଧତା ହାସଲ କରିବାକୁ ହେଲେ ଆମକୁ ଭାବନାରେ, କଥାରେ ଏବଂ କାର୍ଯ୍ୟରେ ସମ୍ପୂର୍ଣ୍ଣଭାବେ ବାସନାମୁକ୍ତ ହେବାକୁ ପଡିବ, ଭଲପାଇବା ଓ ଘୃଣା କରିବା ଏବଂ ଆକୃଷ୍ଟ ହେବା ଓ ବିରୋଧ ଭାବ ପୋଷଣ କରିବା ପ୍ରଭୃତି ପରସ୍ପର ବିପରୀତ ସ୍ରୋତଗୁଡିକର ଊର୍ଦ୍ଧ୍ୱକୁ ଉଠିଯିବାକୁ ପଡିବ । ମୁଁ ଜାଣିଛି ଯେ, ସତତ ତଥା ଅବିରାମ ଉଦ୍ୟମ କରୁଥିଲେ ମଧ୍ୟ ମୁଁ ନିଜ ଭିତରେ ଏବେ ମଧ୍ୟ ସେହି ତ୍ରିବିଧ ଶୁଦ୍ଧତାକୁ ଅର୍ଜନ କରିନାହିଁ । ସେହି କାରଣରୁ ହିଁ ଜଗତର ପ୍ରଶଂସା ମୋତେ ଆଦୌ ଆନ୍ଦୋଳିତ କରି ପାରେ ନାହିଁ ଏବଂ ବସ୍ତୁତଃ, ଏହା ଅଧିକାଂଶ ସମୟରେ ମୋତେ ଦଂଶନ ହିଁ କରିଥାଏ ।

ଅସ୍ତ୍ରବଳରେ ସମଗ୍ର ପୃଥିବୀ ଉପରେ ବାହ୍ୟ ବିଜୟ ହାସଲ କରିବା ଅପେକ୍ଷା ଆମର ସୂକ୍ଷ୍ମ ବାସନାଗୁଡିକ ଉପରେ ଜୟଲାଭ କରିବା ମୋତେ ଅନେକ ଅଧିକ କଠିନ ବୋଲି ବୋଧ ହେଉଛି ।

ମୋ' ଭିତରେ ସୁପ୍ତ ହୋଇ ରହିଥିବା ଗୁପ୍ତ ବାସନାଗୁଡିକ ବିଷୟରେ ମୋ'ର ବହୁ ଅଭିଜ୍ଞତା ହୋଇଛି । ସେଗୁଡିକ ଅଛନ୍ତି ବୋଲି ଜାଣି ମୁଁ ଅତ୍ୟନ୍ତ ଲଜ୍ଜିତ ଅନୁଭବ କରିଛି, ମାତ୍ର ପରାଭୂତ ହୋଇଯାଇ ନାହିଁ । ସେହିସବୁ ଅଭିଜ୍ଞତା ଓ ସେହିସବୁ ପ୍ରୟୋଗ ହିଁ ମୋତେ ଅଟଳ ରଖିଛି ଏବଂ ମୋତେ ପ୍ରଭୁତ ଆନନ୍ଦ ପ୍ରଦାନ କରିଛି । ମାତ୍ର, ମୋ' ଆଗରେ ଚାଲିବାଲାଗି ତଥାପି ଯେ, ଏକ କଠିନ ବାଟ ପଡି ରହିଛି, ମୋତେ ସେକଥା ଜଣାଅଛି । ମୋତେ ନିଜକୁ ଶୂନ୍ୟକୁ ଖସାଇ ଆଣିବାକୁ ପଡିବ । ଜଣେ ବ୍ୟକ୍ତି ଯେ ପର୍ଯ୍ୟନ୍ତ ଆପଣାର ସ୍ୱାଧୀନ ଇଚ୍ଛାଦ୍ୱାରା ପ୍ରବୃତ୍ତ ହୋଇ ନିଜକୁ ଆପଣାର ସହଚାରୀ ଅନ୍ୟ ମନୁଷ୍ୟମାନଙ୍କ ମଧ୍ୟରେ ସବା ଶେଷରେ ଆଣି ନ ରଖିଛି, ସେ ପର୍ଯ୍ୟନ୍ତ ସେ କଦାପି ମୁକ୍ତି ପାଇପାରିବ ନାହିଁ । ଅହିଂସା ହେଉଛି ବିନମ୍ରତାର ସୁଦୂରତମ ସୀମା ।

ସେମାନେ କହନ୍ତି, ଯାହା ହେଲେ ମଧ୍ୟ ସାଧନ ହେଉଛି କେବଳ ସାଧନମାତ୍ର । ମୁଁ କହିବି ସାଧନ ହେଉଛି ବସ୍ତୁତଃ ସବୁକିଛି । ସାଧନ ଯେଉଁପରି, ସାଧ୍ୟ ସେହିପରି ।

ସାଧନ ଏବଂ ସାଧ୍ୟ ମଧ୍ୟରେ ପୃଥକ୍ କରି ଦେଉଥିବା ଆଦୌ କୌଣସି କାନ୍ଥ ନାହିଁ । ବସ୍ତୁତଃ ସୃଷ୍ଟିକର୍ତ୍ତା ଆମକୁ ସାଧନଗୁଡିକ ଉପରେ ନିୟନ୍ତ୍ରଣ ଲାଭ କରିବାର ଶକ୍ତି ଦେଇଛନ୍ତି । ମାତ୍ର ସାଧ୍ୟ ଉପରେ କୌଣସି ନିୟନ୍ତ୍ରଣଶକ୍ତି ଦେଇ ନାହାନ୍ତି । ଆମେ ସାଧନଗୁଡିକୁ ଯେତିକି ପରିମାଣରେ ଉପଲବ୍ଧି କରି ପାରିବା, ଠିକ୍ ସେହି ଅନୁପାତରେ ହିଁ ଆମଲାଗି ଲକ୍ଷ୍ୟଟିର ଉପଲବ୍ଧି ସମ୍ଭବ ହେବ । ଏହି ପ୍ରତିପାଦ୍ୟଟିର କ୍ଷେତ୍ରରେ ଆଦୌ କୌଣସି ବ୍ୟତିକ୍ରମ ନାହିଁ ।

ପ୍ରତ୍ୟେକ ବିଷୟରେ ପରମ ବିଧାତାଙ୍କର ଏକ ନିର୍ଦ୍ଧାରିତ ମୁହୂର୍ତ୍ତ ଅବଶ୍ୟ ରହିଛି । ଆମେ କଦାପି ଆଦେଶ ଦେଇ ପରିଣାମଗୁଡିକୁ ଡାକି ଆଣି ପାରିବା ନାହିଁ । ଆମେ କେବଳ ପ୍ରୟାସ ହିଁ କରି ପାରିବା । ମୋ' ନିଜ ବିଷୟରେ କହିବାକୁ ଗଲେ, ମୋ' ଉପରେ ନ୍ୟସ୍ତ ହୋଇଥିବା କର୍ତ୍ତବ୍ୟଟିକୁ ତୁଲାଇବାରେ ଯେ ମୁଁ ଯଥାସାଧ୍ୟ ପ୍ରୟାସ କରିଛି, ତାହା ହିଁ ମୋତେ ଯଥେଷ୍ଟ ସନ୍ତୋଷ ପ୍ରଦାନ କରିଥାଏ ।

କର୍ତ୍ତବ୍ୟ ହେଉଛି ଅଧିକାରଲାଭର ଯଥାର୍ଥ ଉତ୍ସ । ଯଦି ଆମେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ କରିବା, ତେବେ ଅଧିକାର ପାଇଁ ଆମକୁ କଦାପି ବହୁଦୂର ଯିବାକୁ ପଡିବନାହିଁ । ଯଦି ଆପଣାର କର୍ତ୍ତବ୍ୟଗୁଡିକୁ ନ କରି ଆମେ ଅଧିକାରଗୁଡିକ ପଛରେ ଧାଇଁବା, ତେବେ ତାହା ମରୀଚିକା ପରି ଆମଠାରୁ ପଳାଇ ଯିବାରେ ଲାଗିଥିବ । ଆମେ ଯେତିକି ଧାଉଁଥିବା, ତାହା ସେତିକି ଦୂରକୁ ପଳାଇ ଯାଉଥିବ । ନିମ୍ନଲିଖିତ ଅବିନାଶୀ ବାକ୍ୟଗୁଡିକରେ ଶ୍ରୀକୃଷ୍ଣ ଆମକୁ ସେହି ଶିକ୍ଷା ଦେଇଛନ୍ତି କେବଳ କର୍ମରେ ତୋ'ର ଅଧିକାର ରହିଛି । ତୁ ଫଳକୁ ସମ୍ପୂର୍ଣ୍ଣଭାବରେ ତା' ନିଜ ହାତରେ ଛାଡିଦେ । କର୍ମ ହିଁ କର୍ତ୍ତବ୍ୟ, ଫଳ ହେଉଛି ଅଧିକାର ।

ଯିଏ ବିହିତଭାବରେ ଆପଣାର କର୍ତ୍ତବ୍ୟ କରୁଥାଏ, ଅଧିକାରଗୁଡିକ ତା' ପାଇଁ ସ୍ୱତଃପ୍ରେରିତଭାବରେ ଉପଲବ୍ଧ ହୋଇଆସନ୍ତି । ବସ୍ତୁତଃ, ଆପଣାର କର୍ତ୍ତବ୍ୟ ସମ୍ପାଦନ କରିବାର ଅଧିକାର ହିଁ ହେଉଛି ଆମର ଏକମାତ୍ର ଅଧିକାର, ଯାହା ପାଇଁ କି ଆମେ ନିଜ ଜୀବନକୁ ବଞ୍ଚିବା ଓ ଯାହାପାଇଁ ମରିପାରିବା । ଏହାରି ଭିତରେ ହିଁ ସମୁଚିତ ସକଳ ଅଧିକାର ଅନ୍ତର୍ଗତ ହୋଇ ରହିଛି । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ତାହା ହେଉଛି କୌଣସି ନା କୌଣସି ବେଶରେ ଏକ ଅନଧିକାର ଆତ୍ମସାତ୍ ଏବଂ ସେଥିରେ ହିଂସାର ଯାବତୀୟ ବୀଜ ଲୁକ୍କାୟିତ ହୋଇ ରହିଥାଏ ।

ପୁଞ୍ଜିମାଲିକ ଓ ଜମିଦାରମାନେ ସେମାନଙ୍କର ଅଧିକାର ବିଷୟରେ କହୁଛନ୍ତି, ଜଣେ ରାଜା ଶାସନ କରିବା ଲାଗି ଭଗବାନଙ୍କ ଠାରୁ ଲାଭ କରିଥିବା ତା'ର ଅଧିକାର ବିଷୟରେ କହୁଛି ଏବଂ ସେହି ଶାସନର ପ୍ରତିରୋଧ କରିବାକୁ ରହିଥିବା ନିଜ ଅଧିକାର ବିଷୟରେ ପ୍ରଜା ମଧ୍ୟ କହୁଛି । ଯଦି ସମସ୍ତେ ଅଧିକାରଗୁଡିକୁ ପାଇବାଲାଗି ଦାବି କରିବେ ଏବଂ କର୍ତ୍ତବ୍ୟଗୁଡିକ ସମ୍ବନ୍ଧରେ କିଛି କହିବେ ନାହିଁ, ତେବେ କିଛି ବିଭ୍ରାନ୍ତିରେ ହିଁ ପରିଣତ ହେବ ଓ ଅରାଜକତା ଘୋଟିଯିବ ।

ଯଦି ଅଧିକାରଗୁଡିକ ବିଷୟରେ ଦୁରାଗ୍ରହୀ ନ ହୋଇ ପ୍ରତ୍ୟେକ ବ୍ୟକ୍ତି ଆପଣାର କର୍ତ୍ତବ୍ୟ କରିବେ, ତେବେ ମନୁଷ୍ୟସମାଜରେ ଅଚିରେ ସୁଶୃଙ୍ଖଳାର ଶାସନ ପ୍ରତିଷ୍ଠା ହୋଇପାରିବ । ମୁଁ ତ ଏକଥା ମଧ୍ୟ କହିବି ଯେ, ସୁସମ୍ପାଦିତ କର୍ତ୍ତବ୍ୟରୁ ଯେଉଁସବୁ ଅଧିକାର ପ୍ରତ୍ୟକ୍ଷଭାବରେ ନିଷ୍ପତ୍ତି ହୋଇ ନ ଥାନ୍ତି, ସେହି ଅଧିକାରଗୁଡିକ ପାଇଁ ଆମର ବଞ୍ଚିବା ଆଦୌ ଉଚିତ ହେବ ନାହିଁ । ସେଗୁଡିକୁ କେବଳ ଅପହରଣ ବୋଲି ହିଁ କୁହାଯିବ ଏବଂ ଆମେ ଯେତେ ଶୀଘ୍ର ସେଗୁଡିକୁ ପରିହାର କରିପାରିବା, ତାହା ସେତେ ଅଧିକ ମଙ୍ଗଳକର ହେବ । ଯେଉଁ ଦୁର୍ଭାଗ୍ୟ ପିତା ବା ମାତା ପିଲାମାନଙ୍କ ପ୍ରତି ଆପଣାର କର୍ତ୍ତବ୍ୟ ନ କରି ସେମାନଙ୍କ ଠାରୁ ଆଦେଶପାଳନର ଦାବି କରନ୍ତି ସେମାନେ ଘୃଣା ବ୍ୟତୀତ ଆଉ କୌଣସି ଦୃଷ୍ଟିଭଙ୍ଗୀର କାରଣ ହୁଅନ୍ତି ନାହିଁ ।

ଯେଉଁ ଦୁରାଚାରୀ ସ୍ୱାମୀ ନିଜର କର୍ତ୍ତବ୍ୟରତା ପତ୍ନୀଠାରୁ ପ୍ରତ୍ୟେକ ପ୍ରକାରେ ଆଦେଶପାଳନର ପ୍ରତ୍ୟାଶା ରଖୁଥାଏ, ସେ ଧର୍ମର ବିଧାନଗୁଡିକୁ ବିକୃତ ହିଁ କରି ପକାଏ । ମାତ୍ର ଯେଉଁ ପିତା ବା ମାତା ନିଜ ପିଲାମାନଙ୍କ ପ୍ରତି ନିଜର ଯାବତୀୟ କର୍ତ୍ତବ୍ୟ କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ ହୋଇ ରହିଥାନ୍ତି, ତାଙ୍କ ପିଲାମାନେ ଯଦି ପିତାମାତାଙ୍କୁ ଅବଜ୍ଞା ପ୍ରଦର୍ଶନ କରନ୍ତି, ସେମାନଙ୍କୁ ପ୍ରକୃତରେ କୃତଘ୍ନ ବୋଲି କହିବାକୁ ହେବ ଏବଂ ଏପରି କରି ସେମାନେ ପିତାମାତାଙ୍କ ଅପେକ୍ଷା ନିଜର ହିଁ ଅଧିକ କ୍ଷତି କରନ୍ତି । ପତି ଓ ପତ୍ନୀଙ୍କ କ୍ଷେତ୍ରରେ ମଧ୍ୟ ସେହିକଥା କୁହାଯାଇ ପାରିବ ।

ଏହି ସରଳ ଏବଂ ସାଧାରଣ ନିୟମଟିକୁ ଯଦି ତୁମେ ମାଲିକ ଏବଂ ଶ୍ରମିକମାନଙ୍କ କ୍ଷେତ୍ରରେ ପ୍ରୟୋଗ କରିବ, ଜମିଦାର ଓ କୃଷକ, ରାଜା ଓ ସେମାନଙ୍କର ପ୍ରଜା କିମ୍ବା ହିନ୍ଦୁ ଓ ମୁସଲମାନମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିବ, ତେବେ ତୁମେ ଅବଶ୍ୟ ଦେଖିପାରିବ ଯେ, ସମ୍ପ୍ରତି ଭାରତବର୍ଷରେ ତଥା ପୃଥିବୀର ଅନ୍ୟାନ୍ୟ ଭାଗରେ ଜୀବନ ଏବଂ ବ୍ୟବସାୟ କ୍ଷେତ୍ରରେ ଯେଉଁସବୁ ବିକ୍ଷୋଭ ଓ ବିଶୃଙ୍ଖଳା ଦୃଷ୍ଟିଗୋଚର ହେଉଛି, ସେଗୁଡିକୁ ଆଦୌ ସୃଷ୍ଟି ନ କରି ଜୀବନର ଯାବତୀୟ କ୍ଷେତ୍ରରେ ସର୍ବାଧିକ ପରିମାଣର ସୁସମ୍ବନ୍ଧ ପ୍ରତିଷ୍ଠା କରାଯାଇ ପାରିବ । କର୍ତ୍ତବ୍ୟର ସମ୍ପାଦନ ଏବଂ ସେଥିରୁ ନିଷ୍ପନ୍ନ ହୋଇ ଆସୁଥିବା ଅଧିକାର ଲାଭ, ଏହି କଥାଟିର ଔଚିତ୍ୟ ଉପରେ ହିଁ ମୁଁ କହୁଥିବା ସତ୍ୟାଗ୍ରହର ବିଧାନଟି ପ୍ରତିଷ୍ଠିତ ହୋଇ ରହିଛି ।

## ସ୍ୱର୍ବେଦ

**ମାୟା ଜଗ ଜାଓ୍ଵନ ଠଗେ, ସୋ ମାୟା ଠଗ ସନ୍ତ ।**
**ଠଗିନୀ ଠଗ ଆଦେଶ ହେଁ, ଯହ ଗୃହସ୍ଥ ବଲ ଅନ୍ତ ॥୧୩॥**


ଭାଷ୍ୟ - ମାୟା ସଂସାରୀ ଜୀବମାନଙ୍କୁ ଠକେ ଆଉ ସେହି ମାୟାକୁ ସନ୍ଥଜନ ଠକିଥାନ୍ତି । ଗୃହସ୍ଥ ସନ୍ଥମାନଙ୍କ ଭିତରେ ଏହି ଶକ୍ତି ହୋଇଥାଏ ଯେ ସେମାନେ ନିଜର ଆଜ୍ଞାନୁସାରେ ଏଥିରେ କାର୍ଯ୍ୟ ନିଅନ୍ତି ଆଉ ନିଜର ଅଧୀନରେ ରଖି ଜ୍ଞାନଯୁକ୍ତିରେ ଏହାକୁ ଠକି ନିଅନ୍ତି ।

**ମନ ମାୟା କୀ ଚାଲ କୋ, ଜାନତ ସନ୍ତ ସୁଜାନ ।**
**ଯାତେ ଗତି ଲାଗତ ନହୀଁ, ମନ ମାୟା ପଛିତାନ ॥୧୪॥**

ଭାଷ୍ୟ - ମନ ମାୟାର ଚକ୍ରାନ୍ତକୁ ବିବେକ ସନ୍ଥ ଜାଣନ୍ତି । ସେମାନଙ୍କ ନିକଟରେ ଏହାର ଗତି ନ ଥାଏ । ମନ ମାୟା ପରାସ୍ତ ହୋଇ ମନସ୍ତାପ କରି ପଛକୁ ଫେରିଯାଏ ।

**ମନ କୀ ଚାଲ ଅନେକ ହେଁ, କୁଟିଲ କୁଢଙ୍ଗ କୁଭାଓ୍ଵ ।**
**ଲଖତ ଭେଦ ସବ ସନ୍ତ ହେଁ, ଧୋଖା ମେଁ ନହିଁ ଆଓ୍ଵ ॥୧୫॥**

ଭାଷ୍ୟ - ମନର କୁଟିଳ, କୁଢଙ୍ଗ ଆଉ ତାହାର ମନ୍ଦ ଭାବ ଯୋଗୁଁ ତାହାର ଅନେକ ଚଳନ ହୋଇଥାଏ, ମାତ୍ର ତାହାର ସମସ୍ତ ରହସ୍ୟକୁ ସନ୍ଥ ଜାଣନ୍ତି । ସେମାନେ



ଏହି ସଠ ମାୟାର ଧୋକାରେ ପଡ଼ନ୍ତି ନାହିଁ ।

**ମନ ମାୟା କୀ ଚାଲ ମେଁ, ଭୂଲି ପରେ ସବ ଜୀଓ୍ଵ ।**
**ଗୁରୁ ବିନୁ ସୋ ନହିଁ ଲଖି ପରେ, କିମି ପାଓ୍ଵେ ନିଜ ପୀଓ୍ଵ ॥୧୬॥**

ଭାଷ୍ୟ - ମନ ମାୟାର ଚକ୍ରାନ୍ତରେ ସମସ୍ତ ଜୀବ ପ୍ରତାରିତ ହୋଇଥାନ୍ତି । ଏହାର ଚକ୍ରାନ୍ତ ସଦ୍‌ଗୁରୁ ବିନା କାହାରିକୁ ଦେଖାଯାଏ ନାହିଁ । ତେଣୁ ସେମାନେ ନିଜର ପରମପ୍ରଭୁଙ୍କୁ କେମିତି ପାଇ ପାରିବେ ? ସଦ୍‌ଗୁରୁଙ୍କର ଆଭ୍ୟନ୍ତର ସାଧନା ଭେଦର ପ୍ରଯତ୍ନରେ ମନ ମାୟାର ସମ୍ବନ୍ଧ ଛାଡ଼ିଯାଏ ଓ ମନର ଗତି ଦେଖିବାକୁ ମିଳେ ।

**ମାୟା ଚାଲ କୁଚାଲ ହେଁ, ରୂପ ଅନେକ ପ୍ରକାର ।**
**ଭକ୍ତ ସୋୟ ବ୍ୟାପେ ନହୀଁ, ପୂରଣ କଲା ସଂହାର ॥୧୭॥**

ଭାଷ୍ୟ - ମାୟାର ଗତି ଆତ୍ମା ବିରୋଧୀ ଅଟେ ଏବଂ ତାହାର ଅନେକ ପ୍ରକାରର ସ୍ୱରୂପ ହୋଇଥାଏ । ପ୍ରଭୁ ଭକ୍ତ ଯୋଗ ବିଧାନ ଦ୍ୱାରା ନିଜକୁ ସମ୍ଭାଳି ଚେତନ ଶବ୍ଦଧାରରେ ସ୍ଥିତ ରହିଥାଏ । ତେଣୁ ମାୟାର ପ୍ରଭାବ ତା ଉପରେ ପଡ଼େ ନାହିଁ ।

**ମାୟା ଗତି ନିଜ ଚାଲ ମେଁ, ଭକ୍ତ ଚାଲ ନିଜ ଜାଲ ।**
**ଫିର ପୀଛେ ଦାସୀ ବନେ, ମାୟା ବଡ଼ୀ ବେହାଲ ॥୧୮॥**

ଭାଷ୍ୟ - ମାୟା ନିଜର ଗତିରେ ଚାଲିଥାଏ ଆଉ ନିଜ ଭକ୍ତ ନିଜ ଭାବରେ ଚାଲିଥାଏ । ଆଗକୁ ଯାଇ ମାୟା ନିର୍ବଳ ହୋଇ ଭକ୍ତର ଦାସୀ ହୋଇଯାଏ । ଆତ୍ମାର ବିଜ୍ଞାନ ଅବସ୍ଥାରେ ଯେତେବେଳେ ସେ ନିଜର ଶୁଦ୍ଧସ୍ୱରୂପରେ ଆସି ପ୍ରକୃତିର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦକୁ ପ୍ରାପ୍ତ କରିନିଏ, ସେତେବେଳେ ସେହି ଜୀବନ୍ମୁକ୍ତ ଯୋଗୀ ମାୟାକୁ ନିଜ ଅନୁକୂଳ ରଖି, ତାଠାରୁ ଜଗତର କଲ୍ୟାଣ କରିଥାଏ ଆଉ ମାୟା ତାଠାରେ ବଶୀଭୂତ ହୋଇ ରହିଯାଏ ।

**ମାୟା ଦାସୀ ବନି ରହୀ, ସନ୍ତ ସ୍ୱାମିପନ ଭାଓ୍ଵ ।**
**ଯହ ମହିମା ଗୁରୁଦେଓ୍ଵ କୀ, ବ୍ରହ୍ମଓ୍ଵିଦ୍ୟା ପରଭାଓ୍ଵ ॥୧୯॥**

ଭାଷ୍ୟ - ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଯେତେବେଳେ ଆତ୍ମା ଶୁଦ୍ଧ ସ୍ୱରୂପରେ ଆସିଯାଏ, ସେତେବେଳେ ପ୍ରକୃତି ସ୍ୱୟଂ ତାହାର ଅଧୀନ ହୋଇଯାଏ ଓ ସେ ସମଗ୍ର ଦେହ ସଂଘାତ ରୂପୀ ମାୟାର ସ୍ୱାମୀରେ ପରିଣତ ହୁଏ ଆଉ ସେହି ମାୟା ତାହାର ଦାସୀ ବନିଯାଏ । ସଦ୍‌ଗୁରୁଙ୍କର ଏହା ମହାନ୍ ମହିମା ଅଟେ, ଯାହା ଦ୍ୱାରା ଏହି ଦୁର୍ଲଭ ଅବସ୍ଥା ପ୍ରାପ୍ତ ହୁଏ । ବ୍ରହ୍ମବିଦ୍ୟାର ମହାନ୍ ମହତ୍ୱ ସଦ୍‌ଗୁରୁ ଦ୍ୱାରା ପ୍ରାପ୍ତ ହୋଇଥାଏ ।

**ସଂଗ୍ରହ ତ୍ୟାଗ ନ କରତ ହେଁ, ମାୟା ଆଓ୍ଵେ ଜାୟ ।**
**ଆପ ଭଜନ ପ୍ରଭୁ କୀ କରେଁ, ମାୟା କରେ ସହାୟ ॥୨୦॥**

ଭାଷ୍ୟ - ସନ୍ଥ, ମାୟାର ସଂଗ୍ରହ ଓ ତ୍ୟାଗ କରନ୍ତି ନାହିଁ, ମାତ୍ର ମାୟା ଯିବା ଆସିବା କରୁଥାଏ । ସନ୍ଥ ନିଜ ପ୍ରଭୁଙ୍କର ଭଜନ କରି ଚାଲିଥାଏ ଓ ତାହା ବିଘ୍ନ ନ ଦେଇ ତାହାର ସହାୟତା କରେ ।

**ମାୟା ଦାଶୀ ସନ୍ତ କୀ, ହାଥ ଜୋଡ଼ ରହେ ଠାଢ଼ ।**
**ଯହ ତୋ ଭଜନ ପ୍ରତାପ ହେଁ, ମନ ମାୟା ବସ ବାଢ଼ ॥୨୧॥**

ଭାଷ୍ୟ - ମାୟା ସନ୍ଥର ଦାସୀ ଅଟେ । ମାୟା ଯୋଡ଼ ହସ୍ତରେ ସନ୍ଥ ସମ୍ମୁଖରେ ଛିଡ଼ା ହୋଇଥାଏ । ସଂସାରରେ ବିଛାଇ ହୋଇ ରହିଥିବା ମାୟା ସନ୍ଥର ବଶରେ ରହିଥାଏ । ଏହା ମହାପ୍ରଭୁଙ୍କର ଭଜନର ପ୍ରଭାବ ଅଟେ ।

## ସଦାଚାର ଏକ ମହାନ୍ ସମ୍ପଦ

ସଦାଚାରର ଅର୍ଥ ଯାହା ଆମକୁ କୁପ୍ରଭାବଗୁଡ଼ିକରୁ ରକ୍ଷା କରେ, ଯାହା ବହିର୍ଗମନର ଚେଷ୍ଟାଗୁଡ଼ିକ ମଧ୍ୟରେ ମନୁଷ୍ୟକୁ ଆନ୍ତରିକ ଅବଲମ୍ବନ ଓ ବିଚାର-ବୁଦ୍ଧି ପ୍ରଦାନ କରେ । ସଦାଚାର ଆଦର୍ଶ ପାଳନ ହେତୁ ମନୁଷ୍ୟକୁ ନିୟୋଜିତ କରେ ଏବଂ ଭିତର ସମ୍ପଦର ସଂରକ୍ଷଣ କରିଥାଏ । ଆତ୍ମା ଉପରେ ଜମା ହୋଇ ରହିଥିବା ବିଭିନ୍ନ ପରସ୍ତଗୁଡ଼ିକୁ ଜଣେ ଯୋଗୀ ହିଁ ବୁଝିବା ଓ ସେଗୁଡ଼ିକର ସମାଧାନ କରିବାରେ ସକ୍ଷମ ହୋଇଥାଏ । ତେଣୁକରି ଯଦି ମନୁଷ୍ୟ ନିଜର ସତ୍ୟ ଚେତନା ଦ୍ୱାରା ଆତ୍ମନିର୍ମାଣର ପଥ ପ୍ରଶସ୍ତ କରିବାକୁ ଚାହେଁ, ତାହେଲେ ତାକୁ ସଦାଚାର ରୂପୀ ପରମ ପ୍ରସାଦର ଅବଲମ୍ବନ ନେବାକୁ ହେବ ।

ଯେଉଁ ମନୁଷ୍ୟ ମନ୍ଦ ଚେଷ୍ଟାଗୁଡ଼ିକୁ ଦୂରେଇ ଦେଇ ଆଦର୍ଶ ଅନୁରୂପ ନିଜ ମନୋଭୂମିର ନିର୍ମାଣରେ ସଫଳ ହୋଇଥାଏ, ସେ କେବେ ବି ନିଜର ଆତ୍ମଶକ୍ତିରୁ ବଞ୍ଚିତ ହୁଏ ନାହିଁ ତଥା ତାକୁ ଦୁର୍ଗୁଣ କେବେ ବି କବଳିତ କରିପାରେ ନାହିଁ । ନିଜ ଅନ୍ତରାତ୍ମାରେ ସ୍ୱଚ୍ଛ ଓ ନିର୍ମଳ ହେବାର ନାମ ସଦାଚାର । ଏହା ଏକ ମହାନ୍ ସମ୍ପଦ, ଯାହା ଦ୍ୱାରା ମନୁଷ୍ୟ ନିଜର ନିର୍ମାଣ କରିବାରେ ସକ୍ଷମ ହୋଇଥାଏ ତଥା ନିଜର ଆତ୍ମବିକାଶରେ ତା'ର କୌଣସି ପ୍ରକାର କଠିନତା ଆସେ ନାହିଁ ।

ଆତ୍ମା ମହାନତାରେ ପ୍ରତିଷ୍ଠିତ ହେବା, ପ୍ରତ୍ୟେକ ବିଚାର-ବସ୍ତୁରେ ସେହି ସତ୍ୟ ଚେତନାକୁ ପ୍ରତିଷ୍ଠିତ କରିବା, ନିଜର ଅନ୍ତଃକରଣକୁ ପୂର୍ଣ୍ଣ ପବିତ୍ର କରାଇବା ଏବଂ ବାହ୍ୟ ଜଗତରୁ ବିଧିପୂର୍ବକ ନିଜର ପ୍ରୟୋଜନ ପୂରଣ କରିବା ବାସ୍ତବରେ ସେହି ପଥ ହୋଇଥାଏ, ଯାହା ଉପରେ ଚାଲି ଆତ୍ମୋନ୍ନତିର ପଥ ପ୍ରଶସ୍ତ କରାଯାଇ ପାରିବ । ଯେତେବେଳେ ବାହ୍ୟ ଦୁର୍ଗୁଣଗୁଡ଼ିକ ଆମକୁ ଆମ ପଥରୁ ବିମୁଖ କରିଦେଉଥିବାର ଏବଂ ଆମ ଉପରେ ସଂସାରର କୁପ୍ରଚଳନ ପ୍ରଭାବ ବିସ୍ତାର କରୁଥିବାର ଦେଖାଯିବ, ସେତେବେଳେ ଆମେ ଗୋଟିଏ କାର୍ଯ୍ୟ କରିବା ଦରକାର, ତାହା ହେଉଛି – ନିଜ ଆତ୍ମାର ସ୍ମରଣ ।

ଅତ୍ୟନ୍ତ ପବିତ୍ର ମନୋଭୂମିରେ ସାହସ ଓ ସେବାର କିରଣ ଉତ୍ପନ୍ନ ହୋଇଥାଏ । ଯେଉଁଠି ଏହା ନ ଥାଏ, ସେଠାରେ ଅନ୍ୟ କୌଣସି ପ୍ରଣାଳୀ ପ୍ରଭାବଶାଳୀ ହୋଇ ପାରିବ ନାହିଁ । ନିଜ ଭିତରର ଦିବ୍ୟତାକୁ ଜାଗ୍ରତ କରାଇବା, ନିଜ ଆତ୍ମାନୁସନ୍ଧାନର କ୍ରିୟା ପଦ୍ଧତିକୁ ଚିହ୍ନିବା, ନିଜ ଅନୁରୂପ ଜୀବନର ସଂରଚନା ଓ ଭବିଷ୍ୟ ଯୋଜନାର ନିର୍ଦ୍ଧାରଣ କରିବା ଅଧ୍ୟାତ୍ମର ଚରମ ସଫଳତା ଅଟେ । ଏହା ପରେ କହିବାକୁ କିଛି ରହେ ନାହିଁ ଓ ମନନ କରିବାକୁ ବହୁତ କିଛି ରହିଯାଏ ।

ଯେଉଁ ଦିନ ଆମେ ନିଜର ଅସ୍ମିତାକୁ ରକ୍ଷା କରିବା ଶିଖିଯିବା, ଯେତେବେଳେ ଆମେ ନିଜର ଦୋଷ –ଦୁର୍ଗୁଣଗୁଡ଼ିକୁ ପୁରାପୁରି ଚିହ୍ନିନେବା, ଯେତେବେଳେ ମାନବ ମଧ୍ୟରେ ଆନନ୍ଦ ଦିଗରେ କୌଣସି ବିରାଟ ଉଦ୍ଦେଶ୍ୟ ନିମନ୍ତେ ନିଜକୁ ସମର୍ପିତ କରିବାର ସମ୍ପୂର୍ଣ୍ଣ ସମ୍ଭାବନା ଦୃଷ୍ଟିଗୋଚର ହେବ ତଥା ସେ ନିରଭିମାନିତ ଚେତନାରେ, ଅନନ୍ତର ପରିଦୃଶ୍ୟରେ ନିଜକୁ ଦେଖିବାରେ ଲାଗିଯିବ ସେହି କ୍ଷଣି ଜୀବନରେ ବାସ୍ତବିକ ଜାଗୃତିର, ନିଜ ଆତ୍ମୋ ।ନର ପଥର ସ୍ୱର ଶୁଣାଯିବ । ଏପରି ସ୍ଥିତିରେ ମନୁଷ୍ୟ ଚରିତ୍ର ଦୃଷ୍ଟିରୁ ମହାନ୍ ଏବଂ ଆତ୍ମା ଦୃଷ୍ଟିରୁ ବଳବାନ୍ ବୋଲାଇବ । ଏହା ତା'ର ଅମୂର୍ତ୍ତ ସମ୍ଭାବନାକୁ ମୂର୍ତ୍ତ କରିବାର, ତା'ର ବିଚାରଗୁଡ଼ିକରେ ପ୍ରଜ୍ଞା, ନିଷ୍ଠା ଓ ସନ୍ତୋଷ ଅନାବରଣର ପ୍ରତିପ୍ରଶ୍ନ ଅଟେ, ଯାହାକୁ ପ୍ରତ୍ୟେକ ବିଚାରଶୀଳ ବ୍ୟକ୍ତି ବୁଝିବା ଦରକାର ତଥା ନିଜ ଜୀବନରେ ଲାଗୁ କରି, ଉଦାର ଆତ୍ମୀୟତା ଓ ଉତ୍କୃଷ୍ଟ ଦୃଷ୍ଟିକୋଣର ପରିଚୟ ଦେବା ଆବଶ୍ୟକ । ଏହା ସଦାଚାରର ମୁଖ୍ୟ ଉଦ୍ଦେଶ୍ୟ ତଥା ଏହା ଦ୍ୱାରା ମନୁଷ୍ୟ ସଦ୍‌ଗୁଣୀ ଓ ବିବେକ ସମ୍ପନ୍ନ ହୋଇଥାଏ । ଯିଏ ନିଜକୁ ତ୍ୟାଗ, ତପସ୍ୟା, ତିତିକ୍ଷା ଦ୍ୱାରା ପରିଷ୍କୃତ କରିନିଏ, ସେ ଏହାର ଗୁଣବତ୍ତା, ଏହାର ମହାନ୍ ପ୍ରୟୋଜନ ଓ ଏହାର ଦୂରଦର୍ଶୀ କ୍ରିୟାପ୍ରଣାଳୀ ସହିତ ପରିଚିତ ହୋଇଥାଏ ତଥା ତା'ର ଜୀବନ ତ୍ୟାଗ- ସଂବେଦନା ସିକ୍ତ, ମହାନ୍ ଓ ଅନୁକରଣୀୟ ହୋଇଯାଏ ।

ସଦ୍‌ଗୁଣଗୁଡ଼ିକ ଆମର ପରିଚୟ ତଥା ତପର ପ୍ରାଣଗୁଡ଼ିକୁ ସେଗୁଡ଼ିକ ଜନ୍ମ ନେଇଥାଏ, ସେଗୁଡ଼ିକୁ ଜାଗ୍ରତ କରିବା ଏବଂ ପ୍ରୟୋଗ କରିବାର କ୍ରମକୁ ସଦାଚାର କୁହାଯାଏ । ନିଜ ଆତ୍ମାର ଅମର ସିଦ୍ଧାନ୍ତ ଅନୁରୂପ ଆଦର୍ଶନିଷ୍ଠ ହେଲେ ଆମକୁ ସଦାଚାରର ବାସ୍ତବିକ ବୋଧ ହୋଇଥାଏ । ଯେପର୍ଯ୍ୟନ୍ତ ଏପରି ନ ହୋଇଛି, ସେପର୍ଯ୍ୟନ୍ତ ମନୁଷ୍ୟର ଜୀବନ ଅପୂର୍ଣ୍ଣ । ଏପରି ହୋଇଗଲେ ତାକୁ ନରପଶୁ ଓ ନରପାମର ଶ୍ରେଣୀରୁ ମାନବ ଓ ମହାମାନବ ହେବାର ସୁଯୋଗ ମିଳିଥାଏ ଏବଂ ସେ ଉଚିତ କ୍ରିୟାପ୍ରଣାଳୀକୁ ପ୍ରାପ୍ତ କରିଥାଏ । ଏହା ମହାନତାର ରାଜମାର୍ଗ ଏବଂ ସଦାଚାର ଏହାର ପ୍ରମୁଖ ଉପାଦାନ ଅଥବା କହିବାକୁ ଗଲେ ଏହାର ବିସ୍ମୃତି ହେବାକୁ ନ ଦେବାର ଆଧାରଶିଳା ।

## ଭିଜା ବାଦାମର ଲାଭ

**ପୋଷକତତ୍ତ୍ୱରେ** ଭରପୁର ବାଦାମ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପାଣିରେ ଭିଜା ହୋଇଥିବା ବାଦାମ ଖାଇଲେ ତାହା ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ । ଦୈନିକ ରାତିରେ ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ ବାଦାମ ଭିଜାଇ ଦିଅନ୍ତୁ । ତହିଁ ଆରଦିନ ସକାଳ ଜଳଖିଆରେ ଏହାକୁ ଖାଇବା ଉଚିତ । ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ ଦୈନିକ ଏହିପରି ବାଦାମ ଖାଇଲେ ତାହା ହୃଦରୋଗରୁ ରକ୍ଷା କରିଥାଏ ।



କୋଲେଷ୍ଟରଲର ମାତ୍ରା ଶରୀରରେ କମ୍ ହେବା ସହ ଓଜନ ନିୟନ୍ତ୍ରିତ ରୁହେ । ଏଥିରେ କ୍ୟାଲସିୟମ ଓ ପ୍ରୋଟିନ୍ ଥିବା କାରଣରୁ ତାହା ମାଂସପେଶୀକୁ ଶକ୍ତି ଯୋଗାଏ । ଖେଳାଳିମାନେ ନିୟମିତ ଏହା ସେବନ କରିବା ଭଲ । ମଧୁମେହ ରୋଗୀ ଏହା ଖାଇଲେ ସେମାନଙ୍କ ରକ୍ତ ଶର୍କରା ନିୟନ୍ତ୍ରିତ ହେଉଥିବାର ବିଶେଷଜ୍ଞଙ୍କ ମତ । ଭିଜା ବାଦାମରେ ଫାଇବର (ତନ୍ତୁ) ଥିବା କାରଣରୁ ତାହା ହଜମ ହେବାରେ ସହାୟକ ହୋଇଥାଏ । ଏହା ସହ ଏଥିରେ ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଥିବାରୁ ରଙ୍ଗ ସଫା କରିବା ସହ ତ୍ୱଚାକୁ ସଂକ୍ରମଣରୁ ରକ୍ଷା କରେ ।

## ଟିକିଏ ହସନ୍ତୁ

ଝିଗଡ଼ା ପରେ ସ୍ୱାମୀ ବାହାରକୁ ଯିବାବେଳେ ସ୍ତ୍ରୀ: କୁଆଡ଼େ ଯାଉଛ ?
ସ୍ୱାମୀ: ସୁଇସାଇଡ୍ କରିବାକୁ ।
ସ୍ତ୍ରୀ: ଠିକ୍ ଅଛି । ହେଲେ ଏଇ ବ୍ୟାଗ୍‌ଟା ନେଇକି ଯାଅ ।
ସ୍ୱାମୀ (ଆଶ୍ଚର୍ଯ୍ୟ ହୋଇ)- କାହିଁକି ?
ସ୍ତ୍ରୀ: ଯଦି ସୁଇସାଇଡ୍ କରିବା ମୁଡ୍ ବଦଳିଯାଏ, କିଲେ ଆଳୁ ଓ କିଲେ ପିଆଜ ଆଣିଦେବ ।

× × × ×

ଶିକ୍ଷକ: ପିଲାମାନେ ଶପଥ ନିଅ ମଦ, ସିଗାରେଟ୍ ଛୁଇଁବନି ।
ପିଲାମାନେ: ଛୁଇଁବୁନି ।
ଶିକ୍ଷକ: ଝିଅ ଚକ୍କରରେ ପଡିବନି ।
ପିଲାମାନେ : ପଡିବୁନି ।
ଶିକ୍ଷକ: ଫେସବୁକ୍‌କୁ ସାଥୀ କରିବନି ।
ପିଲାମାନେ: କରିବୁନି ।
ଶିକ୍ଷକ: ଦେଶ ପାଇଁ ଜୀବନ ଦେବ ।
ପିଲାମାନେ: ଜୀବନ ଦେଇଦେବୁ ସାର୍.. । ଏଭଳି ଜୀବନ ଥାଇ ଲାଭ କ'ଣ ହେବ ଯେ ।

× × × ×



ରାଧିଆ ଦୁଇ ମିଟର ଲମ୍ବା ପାଇପ୍‌ରେ ହୁକ୍କା ଟାଣୁଥାଏ ।
ରାଜେଶ ଏହା ଦେଖି: ଏତେ ଲମ୍ବା ପାଇପ୍‌ରେ ହୁକ୍କା କାହିଁକି ଟାଣୁଛୁ ?
ରାଧିଆ: ଡାକ୍ତର ପରା ମତେ କହିଛନ୍ତି ତମାଖୁରୁ ଦୂରେଇ ରହିବାକୁ ।

× × × ×

ସ୍ୱାମୀ ସ୍ତ୍ରୀକୁ: କୁଆଡ଼େ ଯାଇଥିଲ ?
ସ୍ତ୍ରୀ: ରକ୍ତଦାନ କରିବାକୁ ।
ସ୍ୱାମୀ: ମୋ ରକ୍ତ ପିଇ ପିଇ ତମ ଦେହରେ ରକ୍ତ ଓଭରଫ୍ଲୋ ହେଲା ନା କ'ଣ ? ଏବେ ବାଣ୍ଟୁଛ ଯେ ?

× × × ×

ପୁରୁଣା ରେଡିଓ ଖରାପ ହେଇକି ପଡିଥାଏ । କେହି ନ ଥିବାବେଳେ ଥରେ ମୁନା ତାକୁ ଖୋଲିଲା ।
ଆଉ କହିଲା: ଆଜି ମୁଁ ଦେଖିବି ଏଥିରୁ ଗୀତ କ'ଣ ପାଇଁ ଶୁଭୁନି ।
ଖୋଲିଲା ପରେ ଦେଖିଲା ଭିତରେ ମୂଷାଟେ ମରିକି ପଡିଛି ।
ମୁନା: ଆରେ ଆରେ ଗୀତ ଏଇଥିପାଇଁ ଶୁଭୁନି.. ସିଙ୍ଗର ତ ମରିକି ପଡିଛି ଗୀତ ଭଲା କେମିତି ଶୁଭନ୍ତା ?

× × × ×

ପାଠ ପଢ଼ି ନ ଥିବା ଗୋପୀ
ରାଜୁକୁ: ମୁଁ ଆଜି ଶୁଣିଲି ଜଣେ ଲୋକ କହୁଥିଲେ 'ଆଇ ଆମ ଗୋଇଙ୍ଗ ଟୁ ଟଏଲେଟ୍' । ଯାର ଅର୍ଥ କ'ଣ ?
ରାଜୁ: ମୁଁ ଶୌଚାଳୟ ଯାଉଛି ।
ଗୋପୀ: ଏମିତି କେମିତି ପଳେଇବୁ ? ଆଗ ଉତ୍ତର କହ ତା'ପରେ ଯାଇ ଯିବୁ । ଯାହାକୁ ପଚାରୁଛି ସିଏ କହୁଛି ମୁଁ ଶୌଚାଳୟ ଯାଉଛି । ତୁ କିନ୍ତୁ ମତେ ଉତ୍ତର ନ ଦେବା ଯାଏ କୁଆଡ଼େ ଯାଇ ପାରିବୁନି ।

# ସଦା ବିହାରୀର ଉପକାରିତା

**ବ**ର୍ଷ ସାରା ସବୁବେଳେ ଫୁଲ ଫୁଟୁଥିବା ଏହି ଗଛଟିର ନାଁ ସଦାବିହାରୀ । ଏହା ଆଠଟି ପ୍ରଜାତିର । ତେବେ ଭାରତରେ ଗୋଟିଏ ପ୍ରଜାତିର ଦେଖିବାକୁ ମିଳିଥାଏ । ଏହାର ବୈଜ୍ଞାନିକ ନାମ କାଥାରେନ୍ସସ୍ । ଭାରତରେ ଦେଖାଯାଉଥିବା ପ୍ରଜାତିର ବୈଜ୍ଞାନିକ ନାମ 'କାଥାରେନ୍ସସ୍ ରୋଜସ୍' । ଏହି ଗଛର ଫୁଲ କେବଳ ସୁନ୍ଦର ଆଉ ଆକର୍ଷଣୀୟ ନୁହେଁ, ଅନେକ ଔଷଧୀୟ ଗୁଣ ଏହାର ରହିଛି । ବାରମାସ ଧରି ଏହାର ଫୁଲ ଫୁଟିଥାଏ । ଭାରତରେ ଏହି ଫୁଲଗଛଟି ସଦାବହାର ଏବଂ ନୟନତାରା ନାମରେ ମଧ ଜଣାଶୁଣା । ସପ୍ତମ ଶତାବ୍ଦୀର ବ୍ରିଟେନର ଔଷଧୀୟ ଶାସ୍ତ୍ରରେ ସଦାବିହାରୀ କଥା ଉଲ୍ଲେଖ ରହିଛି । ୟୁରୋପୀୟ ସାହିତ୍ୟରେ ମଧ ଏହି ଫୁଲର ବର୍ଣ୍ଣନା ରହିଛି । ଏହି ଗଛର ଔଷଧୀୟ ଗୁଣ ସମ୍ପର୍କରେ କୁହାଯାଏ ଯେ, ଏହି ଗଛର ତିନି ଚାରଟି କୋମଳପତ୍ରକୁ ଚୋବାଇ ରସ ଚୂଷିବା ଦ୍ୱାରା ମଧୁମେହରୁ ରକ୍ଷା ମିଳିଥାଏ ।

ଅଧାକପ୍ ଗରମ ପାଣିରେ ସଦାବିହାରୀର ତିନି ଚାରିଟା ଗୋଲାପି ରଙ୍ଗର ଫୁଲକୁ ପାଞ୍ଚ ମିନିଟ୍ ଯାଏଁ ବୁନାଇ ରଖନ୍ତୁ । ଏହା ପରେ ଫୁଲକୁ



ବାହାର କରି ଦିଅନ୍ତୁ । ସକାଳୁ ଏହି ପାଣି ଖାଲି ପେଟରେ ପିଅନ୍ତୁ । ଏପରି ଆଠରୁ ଦଶ ଦିନ କରନ୍ତୁ । ଏହାପରେ ନିଜର ରକ୍ତଶର୍କରା କେତେ ଅଛି ଦେଖି ନିଅନ୍ତୁ । ରକ୍ତଶର୍କରାର ସ୍ତର କମିଥିଲେ ସପ୍ତାହେ ଛାଡି ପୁଣିଥରେ ଏପରି ଆଠ ଦଶ ଦିନଯାଏଁ ପିଅନ୍ତୁ ।

ସକାଳୁ ସଦାବିହାରୀର ଚାରିଟି ପତ୍ର ତୋଳି ତାକୁ ଭଲ ଭାବେ ଧୋଇ ଦିଅନ୍ତୁ । ଖାଲି ପେଟରେ ଏହାକୁ ଚୋବାନ୍ତୁ । ପରେ ପରେ ଦୁଇ ଢ଼ୋକ ପାଣି ପିଅନ୍ତୁ । ଏହା ମଧୁମେହକୁ ହ୍ରାସ କରିଥାଏ । ଅତିକମ୍‌ରେ ତିନିମାସ ପର୍ଯ୍ୟନ୍ତ ଏପରି କରିବା ଦରକାର ।

ଗଳା ସଂକ୍ରମଣ, କାଶ ଏବଂ ଫୁସ୍‌ଫୁସକୁ ସଂକ୍ରମଣରୁ ରକ୍ଷା କରିଥାଏ ସଦାବିହାରୀ । ଏହାର ପତ୍ରରେ ଥିବା ଏକ କ୍ଷାରୀୟ ପଦାର୍ଥ କର୍କଟ, ବିଶେଷକରି ରକ୍ତକର୍କଟ ନିୟନ୍ତ୍ରଣରେ ସହାୟକ ହୋଇଥିବା କୁହାଯାଏ ।

ଅର୍ଶରୁ ଆରାମ ପାଇବା ପାଇଁ ହେଲେ ଏହାର ପତ୍ର ଏବଂ ଫୁଲକୁ ମକଚି ସେହି ସ୍ଥାନରେ ଲଗାଇବା ଦ୍ୱାରା ଆରାମ ମିଳିଥାଏ ।

ମହୁମାଛି ଦଂଶନ କରିଥିବା ସ୍ଥାନରେ ସଦାବିହାରୀର ପତ୍ରର ରସକୁ ଲଗାଇବା ଦ୍ୱାରା ଖୁବ୍ ଶୀଘ୍ର ଆରାମ ମିଳିଥାଏ । ଏହି ରସକୁ ଖଣ୍ଡିଆ ଖାବରା ହୋଇଥିବା ସ୍ଥାନରେ ଲଗାଇଲେ ଶୀଘ୍ର ଶୁଖିଯାଏ । ତ୍ୱଚା କୁଣ୍ଡେଇ ହେବା, ଲାଲଦାଗ୍ ଦେଖାଯିବା କିମ୍ବା କୌଣସି ଏଲର୍ଜି ଦେଖାଦେଲେ ଏହାର ପତ୍ରର ରସକୁ ଲଗାନ୍ତୁ । ମୁହଁରେ ବ୍ରଣ ହେଉଥିଲେ ସଦାବିହାରୀ ଫୁଲ ଏବଂ ପତ୍ରର ରସକୁ ସେଥିରେ ଲଗାଇବା ଦ୍ୱାରା କିଛିଦିନ ପରେ ବ୍ରଣରୁ ରକ୍ଷା ମିଳିଥାଏ । ପତ୍ର ଏବଂ ଫୁଲରେ ଅଳ୍ପମାତ୍ରାରେ ପାଣି ଦେଇ ତାକୁ ବାଟି ଦିନକୁ ଦୁଇଥର ବ୍ରଣରେ ଲେପ ଦେବା ଦରକାର ।

ଏହି ଗଛର ପତ୍ରକୁ ଛିଣ୍ଡାଇବା ବେଳେ ସେଥିରୁ ବାହାରୁଥିବା କ୍ଷୀର ଖଣ୍ଡିଆ ହୋଇଥିବା ସ୍ଥାନରେ ଲଗାଇଲେ ତାହା ଆଉ ସଂକ୍ରମିତ ହୋଇ ନ ଥାଏ ଏବଂ କ୍ଷତ ସ୍ଥାନଟି ଶୀଘ୍ର ଶୁଖିଯାଇଥାଏ ।

ସଦାବିହାରୀର ଆହୁରି ଅନେକ ଉପକାରୀ ଗୁଣ ଅଛି । ଏହା ଉପରେ ଅନୁସନ୍ଧାନ ମଧ ଜାରି ରହିଛି । ତେବେ ଏହି ଗଛଟିକୁ ଔଷଧ ଭାବେ ବ୍ୟବହାର କରିବା ପୂର୍ବରୁ ଉପଯୁକ୍ତ ବୈଦ୍ୟଙ୍କର ପରାମର୍ଶ ନେବା ଜରୁରୀ ।

## ଆପଣ ଜାଣନ୍ତି କି ?

- ଜାପାନରେ ବିବାହର ସମ୍ମତି କଫି ଡ଼ବା ପଠାଇ ଜଣାଇ ଦିଆଯାଏ । ଏପରିକି ଯୌତୁକରେ କନ୍ୟା ସବୁଠାରୁ ଅଧିକ ଦାମୀ କଫି ଆଣିବା ବାଧତାମୂଳକ ନିୟମ ଅଟେ ।
- ବିଶ୍ୱରେ ଦୁଇଟି ପାନୀୟ ସର୍ବାଦୃତ ହୋଇଥାଏ । ଗୋଟିଏ ଜଳ ଓ ଅନ୍ୟଟି କଫି ।
- ଫରାସୀ ଲେଖକମାନେ ଦୈନିକ ହାରାହାରି ୫୦ କପ୍ କଫି ପିଇଥାନ୍ତି ।
- ଦକ୍ଷିଣ ଆଫ୍ରିକାରେ ଏକ ଆଦିବାସୀ ସମ୍ପ୍ରଦାୟରେ ଏଇ କଫିକୁ ନେଇ ଏକ ଅଦ୍ଭୁତ ନିୟମ ରହିଛି । ସେଠାକାର ବର କନ୍ୟା ବିବାହ ଦିନଠାରୁ ୯ ଦିନ ପର୍ଯ୍ୟନ୍ତ ଦୈନିକ କଫିରେ ସ୍ନାନ କରନ୍ତି ।
- ପାଣି ପରେ ଚା' ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଦୃତ ପାନୀୟ ।
- ଶ୍ରୀଲଙ୍କାରୁ ପ୍ରସ୍ତୁତ କଳା ଚା' ବିଶ୍ୱପ୍ରସିଦ୍ଧ ।
- ବ୍ରିଟେନରେ ଖରାବେଳେ ଚା' ପିଇବା ସମ୍ଭ୍ରାନ୍ତତାର ପରିଚୟ ।
- ଅନେକ ବର୍ଷ ପୂର୍ବେ କଫିକୁ ଖାଦ୍ୟଭାବରେ ଖିଆଯାଉଥିଲା । ପରବର୍ତ୍ତୀ ସମୟରେ ଏହାକୁ ପାନୀୟ ଭାବେ ବ୍ୟବହାର କରାଗଲା ।
- ବିଶ୍ୱର ୭୦% କଫି ଆରବରୁ ଆସିଥାଏ ।
- ବିଶ୍ୱରେ ବର୍ତ୍ତମାନ ୧୯,୦୦୦ ପ୍ରକାରର କଫି ମିଳୁଛି ।
- ଇଥିଓପିଆରେ କଫି ଉତ୍ସବରେ ଧନୀ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥାନ୍ତି ।
- ୧୭୦୦ ଶତାବ୍ଦୀରେ ଇଂଲଣ୍ଡରେ କଫି ପିଇବାକୁ ସମ୍ପୂର୍ଣ୍ଣ ବିରୋଧ କରାଯାଉଥିଲା ।
- ନ୍ୟୁୟର୍କ ବାସିନ୍ଦା ଅନ୍ୟ ସହରର ଲୋକଙ୍କଠାରୁ ୭ ଗୁଣ ଅଧିକ କଫି ପିଅନ୍ତି ।

## ପାଚନ କ୍ରିୟାକୁ ସକ୍ରିୟ କରେ ମହୁ



**ମ**ହୁ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ ତାହା କହିବାକୁ ବାହୁଲ୍ୟ । ଏହି ତାଲିକାରେ ନିକଟରେ ଆଉ ଏକ ଜିନିଷକୁ ସାମିଲ କରାଯାଇଛି । ମହୁର ଉପକାରୀ ଗୁଣ ବିଷୟରେ ତର୍ଜମା କରି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ଏକ ନୂଆ କଥା ଜାଣି ପାରିଛନ୍ତି । ନିୟମିତ କିଛି ମହୁ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ଏପରି ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ସେମାନଙ୍କୁ ସେମାନଙ୍କର ଖାଦ୍ୟ ତାଲିକାରେ ମହୁ ସାମିଲ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା ସେମାନଙ୍କ ମଧରୁ ଅଧିକାଂଶ ବ୍ୟକ୍ତି ପାଚନକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସ୍ୱାସ୍ଥ୍ୟପଯୋଗୀ ତରଭୁଜ

**ତ**ରଭୁଜ ପ୍ରଚୁର ପରିମାଣରେ ଜଳୀୟଅଂଶ ରହିଛି, ଯାହାକି ଅଂଶୁଘାତରୁ ମୁକ୍ତି ଦେଇଥାଏ । ତରଭୁଜ ପାଟିକୁ ସୁଆଦିଆ ଲାଗୁଥିଲେ ହେଁ ସ୍ୱାସ୍ଥ୍ୟ ପାଇଁ ଏହା ବହୁ ଉପଯୋଗୀ । ତରଭୁଜରେ ଲାଇକୋପିନ୍ ରହିଛି, ଯାହା କ୍ୟାନସର ରୋକିଥାଏ । ତରଭୁଜରେ ଲାଇକୋପିନର ମାତ୍ରା ଖୁବ୍ ଅଧିକ ଥିବାରୁ ତ୍ୱଚାକୁ ଉଜ୍ୱଳ କରିଥାଏ । ଏହା ହୃଦୟ ରୋଗୀଙ୍କ ପାଇଁ ଖୁବ୍ ଲାଭପ୍ରଦ । କୋଲେଷ୍ଟ୍ରଲର ଲେବଲକୁ ନିୟନ୍ତ୍ରଣ କରିବା ସହିତ ଓଜନ କମ୍ କରିଥାଏ ।



## ତମ୍ବା ପାତ୍ରରେ ପାଣି ପିଇ ନିରୋଗ ରୁହନ୍ତୁ

**ଆ**ମେ ଯଦି କେବଳ ତମ୍ବା ଧାତୁ ବିଷୟରେ ଚିନ୍ତା କରନ୍ତି ତେବେ ଏହା ଖୁବ୍ ସ୍ୱାସ୍ଥ୍ୟକର ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ କୌଣସି ଖାଦ୍ୟ ପ୍ରାୟ ୨ ଘଣ୍ଟା ଧରି ଗୋଟାଏ ତମ୍ବା ଧାତୁରେ ରହିବା ପରେ ସେଥିରୁ ୯୯ ପ୍ରତିଶତ ଜୀବାଣୁ ମରି ଯାଇଥାନ୍ତି ।

ତମ୍ବା ପାତ୍ରରେ ପାଣି ରଖିଲେ ଏକ ରାସାୟନିକ ପ୍ରତିକ୍ରିୟା ହୋଇଥାଏ । ଏଥିରେ ଆଣ୍ଟିବେକ୍ଟେରିଆ, ଆଣ୍ଟି ଇନ୍‌ଫ୍ଲାମେଟୋରି ଏବଂ କର୍କଟ ପ୍ରତିରୋଧକ ଗୁଣ ଉତ୍ପନ୍ନ ହୋଇଥାଏ ।



ଏଥିପାଇଁ ପରାମର୍ଶ ଦିଆଯାଏ କି ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଅନେକ ରୋଗ ଭଲ ହୋଇ ଯାଇଥାଏ । ଏହାକୁ ଡାକ୍ତରୀ ବିଜ୍ଞାନ ବି ସହମତି ଦେଇଛି । ଆୟୁର୍ବେଦ ଅନୁଯାୟୀ, ତମ୍ବା ପାତ୍ରରେ ରଖି ପାଣି ପିଇଲେ ବାତ, ପିତ୍ତ ଏବଂ କଫ ଆଦି ସନ୍ତୁଳନରେ ରହେ । ମାତ୍ର ତମ୍ବା ପାତ୍ରରେ ପାଣି ଅତିକମ୍‌ରେ ୮ ଘଣ୍ଟା ରଖିବା ପରେ ଯାଇ ଫଳପ୍ରଦ ହୋଇଥାଏ । ମାତ୍ର ବେଳେ ବେଳେ ଲୋକେ ତମ୍ବା ପାତ୍ରରେ ପାଣି ଭରି ଭୂଇଁରେ ରଖି ଦେଇଥାନ୍ତି । ମାତ୍ର ମନେରଖନ୍ତୁ ଭୂଇଁରେ ରଖିବା ଦ୍ୱାରା କୌଣସି ଫଳ ମିଳି ନ ଥାଏ । ତମ୍ବା ପାତ୍ରରେ ପାଣି ରଖିଲେ ତାହାକୁ କୌଣସି ଟେବୁଲ୍ କିମ୍ବା ପିଢ଼ା ଉପରେ ରଖନ୍ତୁ ।

## କହିପାରିବେ କି ?

(୧) ଗୋଟିଏ ଅଧିବର୍ଷରେ ଦିନସଂଖ୍ୟା କେତେ ?
(୨) ଗୋଟିଏ ବୃତ୍ତ କେତେ ଡିଗ୍ରୀ ହୋଇଥାଏ ?
(୩) ଯେଉଁ ସଂଖ୍ୟା କେବଳ ୧ କିମ୍ବା ସେହି ସଂଖ୍ୟା ଦ୍ୱାରା ବିଭାଜିତ ତାକୁ କ'ଣ କୁହାଯାଏ ?
(୪) ଗୋଟିଏ ଲୁଡୁ ଗୋଟିରେ କେତୋଟି ବିନ୍ଦୁ ଥାଏ ?
(୫) ଗଣିତ ବିଦ୍ୟାର ଜନକ କିଏ ?
(୬) କିଏ ହ୍ୟୁମାନ କାଲକୁଲେଟର ଭାବରେ ପରିଚିତ ?
(୭) ଏକ ଘଣ୍ଟା କେତେ ସେକେଣ୍ଡ ?
(୮) ମଣିଷ ଶରୀରରେ କେତେ ପ୍ରତିଶତ ଜଳ ?
(୯) ଆଲୋକ ଓ ଶବ୍ଦ ମଧରୁ କାହାର ବେଗ ଅଧିକ ?
(୧୦) ପେନ୍‌ସିଲିନ୍ କିଏ ଆବିଷ୍କାର କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) VCATIE | = | 6) REEBAW | = |
| 2) WUYBAS | = | 7) PHIOP | = |
| 3) LUHMC | = | 8) BSILS | = |
| 4) LIDAY | = | 9) NAPTUE | = |
| 5) NLISTP | = | 10) OYMLOG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-


୧. ଅହମ୍ମଦାବାଦ, ୨. ଗ୍ରାହାମ ବେଲ୍, ୩. ନୀଲ ଆର୍ମଷ୍ଟ୍ରଙ୍ଗ, ୪. ବଛେନ୍ଦ୍ରୀ ପାଲ, ୫. ଆର୍ଯ୍ୟଭଟ୍ଟ, ୬. ଲାଲ କିଲ୍ଲା, ୭. ଫ୍ରାନ୍ସ, ୮. ଶୁକ୍ର ଗ୍ରହ, ୯. ୧୨ ବର୍ଷ, ୧୦. ଭିଟାମିନ୍ 'ଡି' ।

***Jumble Words*** ର ଉତ୍ତର :-

(1) HAIRY (2) HUMAN (3) DRAGON (4) CUTEST (5) KIOSK
(6) SPURN (7) COUNTY (8) LARGER (9) PLUMP (10) NAVAL

## ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବ ଟମାଟୋ

**ଟ**ମାଟୋର ସ୍ୱାସ୍ଥ୍ୟୋପକାରୀ ଗୁଣ ତାଲିକାରେ ଆଉ ଏକ କଥା ସାମିଲ ହୋଇଛି । ଏହା ଫୁସ୍‌ଫୁସ୍‌କୁ ସୁରକ୍ଷା ଦେବାରେ ଅନେକାଂଶରେ ସହାୟକ ହୋଇଥାଏ । ବିଶେଷ ଭାବରେ ଯେଉଁମାନେ ନିୟମିତ ନିଶାଦ୍ରବ୍ୟ ସେବନ କରନ୍ତି ସେମାନେ ଯଦି ନିୟମିତ ଟମାଟୋ ଖାଆନ୍ତି ତେବେ ସେମାନଙ୍କର ଫୁସଫୁସ୍ କେତେକାଂଶରେ ସୁରକ୍ଷିତ ରହିଥାଏ । ବିଶେଷଭାବରେ ଯକ୍ଷ୍ମାରେ ପୀଡିତ ବ୍ୟକ୍ତିଙ୍କ ଫୁସ୍‌ଫୁସ୍‌କୁ ସାଧାରଣ ଅବସ୍ଥାକୁ ଆଣିବାକୁ ଟମାଟୋ ସାହାଯ୍ୟ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ପରୀକ୍ଷାମୂଳକ ଭାବରେ ଯକ୍ଷ୍ମାରେ ଆକ୍ରାନ୍ତ କେତେଜଣ ବ୍ୟକ୍ତିଙ୍କୁ ପ୍ରତିଦିନ ଖାଦ୍ୟ ସହ ଟମାଟୋ ଖାଇବାକୁ ଦିଆଯାଇଥିଲା । ୩-୪ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇ ଥିଲା । ବିଶେଷଭାବରେ ସେମାନଙ୍କର ଫୁସ୍‌ଫୁସ୍ କାର୍ଯ୍ୟଧାରାରେ କେତେ ଉନ୍ନତି ଆସୁଛି ତାହାକୁ ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ । ଏହାଦ୍ୱାରା ସେମାନଙ୍କ ମଧରୁ ପ୍ରାୟ ୪୦ ପ୍ରତିଶତ ରୋଗୀଙ୍କର ଫୁସ୍‌ଫୁସ୍ କାର୍ଯ୍ୟଧାରାରେ ପରିବର୍ତ୍ତନ ଦେଖିବାକୁ ମିଳିଥିବା ରିପୋର୍ଟରୁ ଜଣାପଡିଛି ।



# ଓଡ଼ିଶାରେ କଂଗ୍ରେସ ସକ୍ରିୟ ଓ ଏକ ହେଉଛି: ବିଜେପି ପାଇଁ ବୁମେରାଂ

ଭୁବନେଶ୍ୱର : ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ ତାରିଖରେ ଆରମ୍ଭ ହେବା ଦିନଠାରୁ ରାଜ୍ୟରେ ମହିଳା ବିରୋଧୀ ହିଂସା ବିରୋଧରେ ଗୃହ କମିଟି ଦାବି କରିଥିଲା କଂଗ୍ରେସ । ପ୍ରସଙ୍ଗଟି ଏତେ ଗୁରୁତର ନ ଥିଲା କିମ୍ବା ଏହି କମିଟି ଗଠନ ହୋଇଥିଲେ ସରକାରଙ୍କର ସମ୍ମାନରେ ଆଞ୍ଚ ଆସି ନ ଥାନ୍ତା । ମାତ୍ର ଅହଂକାରର ବଶବର୍ତ୍ତୀ ହୋଇ ସରକାର ଏହି ପ୍ରସଙ୍ଗକୁ ଯେତେ ଉପେକ୍ଷା କରି ଚାଲିଲେ, କଂଗ୍ରେସ ଏହାକୁ ସରକାରଙ୍କ ଦୁର୍ବଳତା ମନେକରି ସେହି ପ୍ରସଙ୍ଗକୁ ସେତେଆଘାତ କରି ଚାଲିଲା । ପ୍ରତିଦିନ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ସରକାରଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କଲା । କେବେ କଳା ପୋଷାକରେ ପ୍ରତିବାଦ ତ କେବେ ପୁଣି ଘଣ୍ଟ ପିଟା, କେବେ ପୁଣି ଗୃହ ମଧ୍ୟରେ ହଟ୍ଟଗୋଳ ଓ ବଂଶୀବାଦନ । ଏହାକୁ କଂଗ୍ରେସର ନାଟକ ମନେକରି ସରକାର ଗୁରୁତ୍ୱ ଦେଲେ ନାହିଁ । ବାଚସ୍ପତି ଏହାକୁ ହୃଦ୍‌ବୋଧ କଲେ ନାହିଁ । ମାତ୍ର କଂଗ୍ରେସ ଅଧିକ ଆକ୍ରମଣାତ୍ମକ ଢଙ୍ଗରେ ବିଧାନସଭାରେ ସରକାରଙ୍କୁ ସମାଲୋଚନା କଲା । ତାରାପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୭ ଦିନ ନିଲମ୍ବନ ଜନିତ ଆତ୍ମତୃପ୍ତିରେ ହାକୁଟି ମାରୁଥିବା ସରକାରଙ୍କୁ ଛନ୍ଦିବା ପାଇଁ କଂଗ୍ରେସ ଯେଉଁ ଫାନ୍ଦ ବୁଣି ଚାଲିଥିଲା, ସେଇ ଫାନ୍ଦରେ ଫଶିଗଲେ ସରକାର । ପରିଣତିରେ ତାହା ହିଁ ଘଟିଲା, ଯାହା କଂଗ୍ରେସ ଚାହୁଁଥିଲା । ରାଜନୈତିକ ଅଭିଜ୍ଞତାର ଅଭାବ, ବିଧାନସଭା ପରିଚାଳନାରେ ଅଜ୍ଞାନତା ଯୋଗୁଁ ସରକାର ଏବେ ଖାଲି ଅଠାକାଠିରେ ଛନ୍ଦି ହୋଇ ଯାଇ ନାହାନ୍ତି । ମୁମୂର୍ଷୁ କଂଗ୍ରେସ ତୁଣ୍ଡରେ ସରକାର ସଞ୍ଜିବନୀ ଦେଇ ନିଜର ଓ ନିଜ ଦଳର ଭବିଷ୍ୟତ ପଥରେ କଣ୍ଟା ବିଛାଇଛି ବିଜେପି ।

ଚଳିତ ବିଧାନସଭାରେ ମୁଖ୍ୟ ବିରୋଧୀ ବିଜେଡି ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିଛି । ବିଭିନ୍ନ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଆଣିଛି । ସରକାରଙ୍କୁ କଟୁ ଶବ୍ଦରେ ସମାଲୋଚନା କରିଛି । ଅପରପକ୍ଷରେ କଂଗ୍ରେସ ଆରମ୍ଭରୁ କେବଳ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ବିରୋଧୀ ହିଂସାକୁ ନେଇ ସରକାରଙ୍କୁ ଲକ୍ଷ୍ୟଭେଦୀ ଆକ୍ରମଣ କରି ଚାଲିଛି । ଏ ସଂକ୍ରାନ୍ତରେ ଗୃହ କମିଟି ଗଠନ ନିମନ୍ତେ ଦାବି କରି ଆସିଛି । ଦଳର ନେତାମାନେ ନିର୍ଦ୍ଦିଷ୍ଟ ଭାବରେ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ଚାଲିଛନ୍ତି ଏବଂ ଗୃହ କମିଟି ଗଠନ ନିମନ୍ତେ ପ୍ରତିଦିନ ବିଧାନସଭା ହଟ୍ଟଗୋଳ କରିଛନ୍ତି । ଏପରିକି ଦଳର ଏକମାତ୍ର ମହିଳା ସଦସ୍ୟ ମଧ ରାଜ୍ୟର ମହିଳା ହିଂସାକୁ ନେଇ ସେ ନିଜକୁ ଅସୁରକ୍ଷିତ ମଣୁଥିବା ଉଲ୍ଲେଖ କରି ଗୃହ କମିଟି ଗଠନ ଦାବିକୁ ଅଧିକ ଶାଣିତ କରିଛନ୍ତି । ମାତ୍ର ଶାସକ ବିଜେପି, ମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ସରକାରଙ୍କ ପରାମର୍ଶଦାତାମାନେ ଏହାକୁ କ୍ରମାଗତ ଭାବରେ ଉପେକ୍ଷା କରିବା କଂଗ୍ରେସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି । ଏହି ପ୍ରସଙ୍ଗକୁ ନେଇ ଜାତୀୟସ୍ତରରେ କଂଗ୍ରେସ ପହଞ୍ଚାଇବାକୁ ସଫଳ ହୋଇଥିଲା । ଦଳର ସାଂସଦ ସପ୍ତଗିରି ଉଲ୍ଲାକା ଓଡ଼ିଶାରେ ଘଟୁଥିବା ମହିଳା ହିଂସାକୁ ଉଠାଇବା ଯୋଗୁଁ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୭ ଦିନ ନିଲମ୍ବନ ପ୍ରସଙ୍ଗ ଲୋକସଭାରେ ଉଠାଇଲେ । ଦିଲ୍ଲୀରେ ଏଆଇସିସି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ହିଂସା, ଦୁଷ୍କର୍ମ ଉଠାଇବା ଘଟଣାରୁ ମଧ ଶାସକ ବିଜେପି ଓ ସରକାର କିଛି ଅନୁମାନ କରିପାରିଲେ ନାହିଁ । ପ୍ରଥମେ ବିଧାୟକ ବାହିନୀ ପତିଙ୍କୁ ୭ ଦିନ, ପରେ ପୁଣି ୧୨ ବିଧାୟକ, ଏହାପରେ ପୁଣି ରମେଶ ଜେନା ଓ ତାରା ବାହିନୀପତିଙ୍କୁ ଆଉ ୭ ଦିନ ନିଲମ୍ବନ କରି ସରକାର ବିରୋଧୀ କଂଗ୍ରେସକୁ ଏକାଠି ହେବାକୁ ଯେଉଁ ସୁଯୋଗ ଦେଲେ, ତାହା ଭବିଷ୍ୟତରେ ବିଜେପି ଓ ସରକାରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି ।

ଏହି ସୁଯୋଗର ଉପଯୁକ୍ତ ସଦୁପଯୋଗ କରି କଂଗ୍ରେସ ଦଳୀୟ ନେତାଙ୍କୁ ଏକାଠି କରିଛି । ସେହିପରି ବିଳମ୍ବିତ ରାତିରେ ଦଳର ବିଧାୟକମାନଙ୍କ ନିଲମ୍ବନ ବିରୋଧରେ ଦଳର ସବୁ ଛାମୁଆଁ ନେତା ବିଧାନସଭା ନିକଟରେ ପହଞ୍ଚି ଯେଉଁ ବାର୍ତ୍ତାଟି ଦେଇଛନ୍ତି, ତାହା ସରକାରଙ୍କ ପାଇଁ ଏକ ବଡ଼ ବିପଦର ପୂର୍ବାଭାସ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ଢ଼େର ଦିନ ଆଗରୁ ୨୭ ତାରିଖରେ କଂଗ୍ରେସ ରାଜଧାନୀରେ ମହା ସମାବେଶ କରିବା କଥା ଘୋଷଣା କରିଥିଲେ ହେଁ ତାହା ଏତେଟା ପ୍ରଭାବୀ ହେବ ନାହିଁ ବୋଲି ସରକାର ମନେ କରୁଥିଲେ । ମାତ୍ର ଶାସକ ବିଜେପି ଓ ସରକାରଙ୍କ ଏହି ଆକଳନ ଏବେ ଭୁଲ ହୋଇଛି । ଦୁର୍ବଳ ସଂଗଠନକୁ ନେଇ କଂଗ୍ରେସ ନିଜର ସ୍ଥିତି ସହ ସଂଗ୍ରାମ କରୁଥିବାବେଳେ ବିଧାନସଭାରେ ଘଟିଥିବା ଘଟଣାକ୍ରମ ଓ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ ଏବେ କଂଗ୍ରେସକୁ ଅଧିକ ସୁଦୃଢ଼ କରିବାକୁ ସୁଯୋଗ ଦେଇଛି । ସମ୍ଭବତଃ ପ୍ରଥମଥର ପାଇଁ ଗୋଷ୍ଠୀବିବାଦ ଭୂଲି କଂଗ୍ରେସର ସବୁ ବଡ଼ ନେତା ଏକାଠି ହୋଇଛନ୍ତି । ପିସିସି ସଭାପତି ଭକ୍ତ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ଶ୍ରୀଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ସହ ଛାମୁଆ ସଙ୍ଗଠନର ନେତାମାନେ ବିଳମ୍ବିତ ରାତିରେ ବିଧାନସଭା ନିକଟରେ ପହଞ୍ଚିବା ଓ ଦଳର ବିଧାୟକଙ୍କ ନିଲମ୍ବନକୁ ବିରୋଧ କରିବା ଭିନ୍ନ ବାର୍ତ୍ତା ଦେଇଛି । ସେହିପରି ବିଧାନସଭା ଘେରାଉ ପୂର୍ବରୁ ଲୋୟର ପିଏମ୍‌ଜି ଛକରେ ଦଳର ସବୁ ସାଙ୍ଗଠାନିକ ପଦାଧିକାରୀ ନେତା ଓ କର୍ମୀ ଜମା ହୋଇଥିଲେ । ଏହା ଦେଖି କଂଗ୍ରେସରେ ଆଉ କନ୍ଦଳ ନ ଥିବାର ସାଧାରଣ ଲୋକଙ୍କ ମନରେ ଧାରଣା ହୋଇଥିଲା । କଂଗ୍ରେସକୁ ଏକତା ଫେରିବା ପଛରେ ଭକ୍ତଙ୍କ ଗୋଟି ଚାଳନା ଚର୍ଚ୍ଚାର ବିଷୟ ହୋଇଛି । ପିସିସି ସଭାପତି ହେବା ପରେ ଭକ୍ତଦାସ ବିଭିନ୍ନ କାରଣରୁ ନିଲମ୍ବିତ ଓ ବହିଷ୍କୃତ ହୋଇଥିବା ନେତାଙ୍କୁ ପୁଣିଥରେ କଂଗ୍ରେସକୁ ଫେରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ କଂଗ୍ରେସକୁ କିଛି ନେତା ଫେରିଥିଲେ । ଦଳଛାଡି ଯାଇଥିବା ଆଉ କିଛି ନେତାମଧ ଫେରିବାର ସମ୍ଭାବନା ରହିଛି । କଂଗ୍ରେସ ଆନ୍ଦୋଳନ ବେଳେ ଏକାଠି ହେଉଛି ମାତ୍ର ନିର୍ବାଚନ ବେଳକୁ ମନ ଫଟାଫଟି ଓ ଆଭ୍ୟନ୍ତରୀଣ କନ୍ଦଳ ଦଳକୁ ଦଶନ୍ଧି ଦଶନ୍ଧି ଧରି ରାଜ୍ୟରେ ସଫଳତା ଦେଇ ପାରୁନାହିଁ ।

ଅପରପକ୍ଷରେ ଏକଦା କଂଗ୍ରେସର ଭୁଲ ପାଇଁ ରାଜ୍ୟରେ ବିଜେପିର ଅଭ୍ୟୁତ୍‌ଥାନ ହୋଇଥିଲା, ଏବେ ବିଜେପି ସେହି ଭୁଲକୁ ପୁନରାବୃତ୍ତି କରିଛି, ଯାହା ଆଗାମୀ ଦିନରେ କଂଗ୍ରେସ ପାଇଁ ଆଶୀର୍ବାଦ ହେବାକୁ ଯାଉଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି ।

## ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ କଟକଣା ପ୍ରସଙ୍ଗକୁ ନେଇ ଜନସ୍ୱାର୍ଥ ମାମଲା ଖାରଜ

ସମ୍ବଲପୁର: ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ କଟକଣା ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଛେଦ ପକାଇଛନ୍ତି । ୨୦୨୩ରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ବ୍ୟାପକ ଗଣ୍ଡଗୋଳ, ଭଙ୍ଗାରୁଜା ହୋଇଥିବା ବେଳେ ସାଂପ୍ରଦାୟିକ ଉତ୍ତେଜନା ଦେଖା ଦେଇଥିଲା । ଧନଜୀବନ ହାନି ସହ ୧୫ରୁ ୧୬ଟି ମାମଲା ପୁଲିସ ରୁଜୁ କରିଥିଲା । ଚଳିତବର୍ଷ ରାମ ନବମୀ ଏପ୍ରିଲ ୬ରେ ଓ ହନୁମାନ ଜୟନ୍ତୀ ୧୪ରେ ପଡୁଛି । ଏହା ପୂର୍ବରୁ ମିଳିଥିବା ବିଭିନ୍ନ ସୂଚନାରୁ ଆଗକୁ ପାଳନ କରାଯିବାକୁ ଏହି ଉତ୍ସବ ଦୁଇଟିରେ ପୁଣି ଗଣ୍ଡଗୋଳର ସମ୍ଭାବନା ରହିଛି ବୋଲି ଦର୍ଶାଇ ସେକ୍ ଇନାୟାତୁଲ୍ଲା ଏବଂ ଅନ୍ୟମାନେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ବ୍ୟାପକ ବିଶୃଙ୍ଖଳା ଓ ଶାନ୍ତି ଭଙ୍ଗର ସମ୍ଭାବନା ରହିଥିବା ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଏହି ଉତ୍ସବ ପାଳନ ବେଳେ କେନ୍ଦ୍ରୀୟ ସୁରକ୍ଷା ବଳର ମୁତୟନ କରାଯିବା ଉଚିତ ବୋଲି ଦର୍ଶାଯାଇଥିଲା । ଅନ୍ୟପକ୍ଷରେ ଓଡ଼ିଶାରେ ସାଂପ୍ରଦାୟିକ ବୈଷମ୍ୟର କୌଣସି କାରଣ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା । ଧାର୍ମିକ ଉତ୍ସବ ଓ ଶୋଭାଯାତ୍ରା ଅପ୍ରୀତିକର ଘଟଣା ବିନା ପାଳନ କରାଯାଉଛି । ପ୍ରଶାସନ ଏଥିପାଇଁ ଆବଶ୍ୟକ ଅନୁମତି ଦେବା ସହିତ କଡ଼ାକଡ଼ି ନିୟମ ପାଳନ ପ୍ରସଙ୍ଗ ସୁନିଶ୍ଚିତ କରୁଛି । ତେଣୁ ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ । ଶାନ୍ତିପୂର୍ଣ୍ଣ ଭାବେ ଉତ୍ସବ ପାଳନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ନାହିଁ ବୋଲି ଦର୍ଶାଯାଇଥିଲା । ଏହି ଉତ୍ସବ ପାଳନ ବେଳେ ସରକାରଙ୍କ ତରଫରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିବା ତଥ୍ୟ ଓ ଯୁକ୍ତିକୁ ବିଚାରକୁ ନେଇ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ବଚ୍ଛେଦ ପକାଇଛନ୍ତି ।

ଅପରପକ୍ଷରେ ଶ୍ରୀରାମ ନବମୀ ଶୋଭାଯାତ୍ରା ଓ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ ସହିତ ହେବ ସେଥିପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସୁରକ୍ଷା ପାଇଁ ଅର୍ଦ୍ଧସାମରିକ ବଳ (ସିଆର୍‌ପିଏଫ୍)ନିୟୋଜିତ ହେବେ । ପ୍ରତି ଛକରେ ଏଆଇ କ୍ୟାମେରା ଲଗାଯିବ । ପିସିଆର୍ ଭ୍ୟାନ ପଇଁତରା ମାରିବା ସହ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ହେବ । ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଛି । ସେଗୁଡ଼ିକ ପ୍ରତି ପୁଲିସ୍‌ର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି । ଏହାସହ ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯାଇଛି । କୌଣସି ନକରାତ୍ମକ ମନ୍ତବ୍ୟ ନଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସହରରେ ୨ କମ୍ପାନୀ ସିଆରପିଏଫ୍, ଗୋଟିଏ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ଏବଂ ୧୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ । ବିଭିନ୍ନ ରାସ୍ତା ଓ ସମ୍ବେଦଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଡ୍ରୋନ କ୍ୟାମେରା ଦ୍ୱାରା ନଜର ରଖାଯିବ । ସହର ପ୍ରତି ପ୍ରବେଶ ପଥରେ ପୁଲିସ ନାକା ଚେକପୋଷ୍ଟ ଲାଗିବା ସହ କଡ଼ାକଡ଼ି ଭାବେ ଯାଞ୍ଚ ଚାଲିବ ।

## ଆବଦ୍ଧ ୱାଗନରେ ପାଉଁଶ ପରିବହନ କରିବ ଓପିଜିସି

ଝାରସୁଗୁଡ଼ା: ବନହରପାଲି ସ୍ଥିତ ଓପିଜିସି ଇବ ଥର୍ମାଲରୁ ସ୍ୱତନ୍ତ୍ର ଆବଦ୍ଧ ୱାଗନରେ ପାଉଁଶ ପରିବହନ କରାଯିବ । ଏଥିପାଇଁ ଓପିଜିସି ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରର ଡାଲମିଆଁ ସିମେଣ୍ଟ ଭାରତ ଲିମିଟେଡର ୧୪ ବର୍ଷର ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଫ୍ଲାଏଆସ୍ ପରିବହନ ପାଇଁ ୱାଗନ ବ୍ୟବହାର କରୁଛି । ପ୍ରଥମ ପର୍ଯ୍ୟାୟରେ ଦିନକୁ ତିନି ହଜାର ଟନ ପାଉଁଶ ପରିବହନ କରାଯିବ । ମାସକୁ ୧୫ ଥରରେ ୪୫ ହଜାର ଟନ ପାଉଁଶ ପରିବହନ କରାଯିବ । ଆଗକୁ ଏହାର ବୃଦ୍ଧି ହୋଇ ଅନ୍ୟ ସିମେଣ୍ଟ କାରଖାନା ଗୁଡିକୁ ମଧ ପାଉଁଶ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୧.୮ ଲକ୍ଷ ଟନ୍ ପରିବହନ ହେବ ବୋଲି କୁହାଯାଇଛି । ଓପିଜିସି ଇବ ଥର୍ମାଲଲ ବନହରପାଲିକୁ ଏକ ରେଳ ୱାଗନ ପହଞ୍ଚିଥିବା ବେଳେ ଏହାକୁ ଓପିଜିସି ଡାଇରେକ୍ଟର ଅପରେସନ ମାନସ ରଂଜନ ରାଉତ ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଛନ୍ତି । ଏହି ଅବସରେ ଓପିଜିସିର ଅନ୍ୟାନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ବାଙ୍ଗାଲୋର ଓ ଝାରଖଣ୍ଡକୁ ପୋଷ୍ୟ ସନ୍ତାନ ହେଲେ ଦୁଇ ଶିଶୁ

ଝାରସୁଗୁଡ଼ା: ଝାରସୁଗୁଡା ଜିଲ୍ଲାରୁ ଦୁଇ ଶିଶୁ ପୋଷ୍ୟ ସନ୍ତାନ ପ୍ରକ୍ରିୟାରେ ବାଙ୍ଗାଲୋର ତଥା ଝାରଖଣ୍ଡ ରାଜ୍ୟକୁ ଯାଇଛନ୍ତି । ଝାରସୁଗୁଡା ଜିଲ୍ଲାପାଳଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ପ୍ରକ୍ରିୟାରେ ଶିଶୁ ଦ୍ୱୟଙ୍କୁ ସେମାନଙ୍କର ପିତାମାତା ଜିଲ୍ଲାପାଳଙ୍କ ହାତରୁ ଶିଶୁ ଗ୍ରହଣ କରିଛନ୍ତି । ଏହି ପ୍ରକ୍ରିୟାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଆଶୀଷ କୁମାର ପଣ୍ଡା, ଶିଶୁ ସୁରକ୍ଷା ୟୁନିଟର ଚୂଡାମଣି ପଣ୍ଡା, ଶିକ୍ଷାଞ୍ଜଳି ତିର୍କୀ, ପୋଷ୍ୟ ସନ୍ତାନ ଗ୍ରହଣକେନ୍ଦ୍ର ବ୍ରଜାରଜନଗର ନିର୍ଦ୍ଦେଶକ ବିଜୟ କୁମାର ପଟ୍ଟନାୟକ, ପ୍ରବୀଣ ବାଗ ଓ ଡାନିଏଲ୍ସ ସଂସ୍ଥାର ମାଞ୍ଜରୀ ବାଗ ଓ ପରିଦର୍ଶିକା ଡାକ୍ତର ବବିତା ରମଣ ପ୍ରମୁଖ ଉପସ୍ଥିତ ଥିଲେ ।



# ‘ଭୁବନେଶ୍ୱର ଭଞ୍ଜଭାରତୀ’ର ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ

ଭୁବନେଶ୍ୱର: ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ‘ଭୁବନେଶ୍ୱର ଭଞ୍ଜଭାରତୀ’ର ରୌପ୍ୟଜୟନ୍ତୀ ଅବସରରେ ପଞ୍ଚଦିବସୀୟ ଓଡିଆ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଦିବସରେ ‘ଭଞ୍ଜନିକୁଞ୍ଜ’ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମିଶ୍ର ଆଧୁନିକ ଓଡିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସଂପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ବରେଣ୍ୟ ଅତିଥି ତଥା ଓଡିଶା ସାହିତ୍ୟ ଏକାଡ଼େମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟସୃଷ୍ଟିର



କାଳଜୟୀ ପ୍ରଭାବ ଓ ପ୍ରକର୍ଷ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ । ସଭାର ବରେଣ୍ୟବକ୍ତା ତଥା ରମାଦେବୀ ମହିଳା ମହାବିଦ୍ୟାଳୟର ଓଡିଆ ଭାଷାସାହିତ୍ୟ ବିଭାର ମୁଖ୍ୟା ଡକ୍ଟର ସଂଘମିତ୍ରା ଭଞ୍ଜ କବି ଉପେନ୍ଦ୍ରଙ୍କ ସାହିତ୍ୟରେ ଭକ୍ତିଚେତନାର ଅବତାରଣା କରିଥିଲେ । ଏହି ଅବସରରେ ବ୍ରହ୍ମପୁରର ବର୍ଷୀୟାନ୍ କବି ଓ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ମର୍ଯ୍ୟାଦାଜନକ ‘ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା ।

ଦ୍ୱିତୀୟ ଦିବସରେ ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ‘କୃଷ୍ଣକଲ୍ଲୋଳ’ ଶୀର୍ଷକ ଆଲୋଚନାରେ ଭାଗ ନେଇ କବି ଦୀନକୃଷ୍ଣଙ୍କ ଲଳିତ-ମଧୁର ପଦଲାଳିତ୍ୟର ଅନୁଶୀଳନ ଓ ଅଧ୍ୟୟନ ଦ୍ୱାରା ଶାନ୍ତି ମିଳିଥାଏ ଓ ଆଧୁନିକ ସମୟରେ ଏହି ଶାନ୍ତିପ୍ରାପ୍ତି ହିଁ ଆମ ପ୍ରତ୍ୟେକଙ୍କ ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ । ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର କୁଳସଚିବ ବାମଦେବ ଆଚାର୍ଯ୍ୟ, ଶୈଳବାଳା ମହିଳା ମହାବିଦ୍ୟାଳୟର ଓଡିଆ ଭାଷାସାହିତ୍ୟ ବିଭାର ମୁଖ୍ୟା ଡକ୍ଟର ସଞ୍ଜିତା ମିଶ୍ର ପ୍ରମୁଖ ଅତିଥି ଓ ବକ୍ତାଭାବେ ଯୋଗ ଦେଇ ଦୀନକୃଷ୍ଣଙ୍କ ସାହିତ୍ୟରେ ନିର୍ମଳ ଭକ୍ତିଚେତନାର ଅବତାରଣା କରିଥିଲେ ।



ତୃତୀୟ ଦିବସରେ ‘ସୂର୍ଯ୍ୟବିଭା’ ଶୀର୍ଷକ ଆଲୋଚନାରେ ସଂଗୀତ ଚମ୍ପୂ ସର୍ଜନାରେ ଚମକ ସୃଷ୍ଟି କରିଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାବଳୀ ଓଡିଆ ବାଣୀଭଣ୍ଡାରର ଅମୂଲ୍ୟରତ୍ନ ।

## କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପାଇଲେ ‘ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ-୨୦୨୫’

ତାଙ୍କ ସାହିତ୍ୟ ସୃଷ୍ଟିରେ ଓଡିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା, ତେଲୁଗୁ ଭାଷାର ପ୍ରୟୋଗ ଅଦ୍ଭୁତ ଓ ଅନନ୍ୟ ବୋଲି ମତ ପ୍ରକାଶ ପାଇଥିଲା । ଓଡିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟଅତିଥି, ପୁରୀ ସଦାଶିବ ପରିସରସ୍ଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ବରେଣ୍ୟ ଅତିଥି, ଭଞ୍ଜନଗରନିବାସୀ ସାହିତ୍ୟ ଗବେଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ଓ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଗବେଷିକା ଡକ୍ଟର ହିମାଦ୍ରିତନୟା ମିଶ୍ର ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।







ସେହିପରି ଅପ୍ରାକୃତପ୍ରେମ ସମ୍ବଳିତ ଅପୂର୍ବ ସଂଗୀତ ଓ ସାହିତ୍ୟର ନିର୍ମାତା ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର । ସେ ହେଉଛନ୍ତି ଓଡିଆ ସାହିତ୍ୟରେ ପ୍ରେମର ପ୍ରକୃଷ୍ଟ ସଂଜ୍ଞାକାର ବୋଲି ଚତୁର୍ଥ ଦିବସରେ ଆୟୋଜିତ ‘ସିଂହାରଶୃଙ୍ଗାର’ ଶୀର୍ଷକ ଆଲୋଚନାରେ ମତପ୍ରକାଶ ପାଇଥିଲା । ଏଥିରେ ଭୁବନେଶ୍ୱରସ୍ଥିତ ପଦାର୍ଥବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟଅତିଥି, ସୂଚନା-ଲୋକସଂପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ତଥା ଗୋଳକୁଣ୍ଡ ସ୍ଥିତ ଅଭିମନ୍ୟୁ ସାଂସ୍କୃତିକ ପରିଷଦର ସଭାପତି ସରୋଜ କୁମାର ସାମଲ ବରେଣ୍ୟ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାଧାପକ ଡକ୍ଟର ବ୍ରଜସୁନ୍ଦର ମିଶ୍ର ଓ ସଂସ୍କୃତ ଅଧାପିକା ଡକ୍ଟର ମନସ୍ୱିନୀ ମିଶ୍ର ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।

ଉଦ୍‌ଯାପନୀ ଦିବସରେ ‘ରଙ୍ଗାଜୀବ ଗଙ୍ଗାଧର’ ଶୀର୍ଷକ ଆଲୋଚନା ହୋଇଥିଲା । ଏଥିରେ ଓଡିଶା ସ୍ଥାବର ସମ୍ପତ୍ତି ଆବେଦନ ନ୍ୟାୟାଧିକରଣର ଅଧକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ପ୍ରାଧାପକ ଡକ୍ଟର ଅଶୋକ କୁମାର ମହାପାତ୍ର ଓ ଡକ୍ଟର ପ୍ରତିମା ଷଡ଼ଙ୍ଗୀ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ଗଙ୍ଗାଧରଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଜଣେ ଉତ୍ତମ ଶ୍ରୋତା, ସାହିତ୍ୟସଂସ୍କୃତିପ୍ରାଣ ତଥା ସମାଜସେବୀ ଭାବରେ ବ୍ରଜରାଜ ସୁନ୍ଦରରାୟ ଏବଂ ଅନୁଷ୍ଠାନର ଶୁଭେଚ୍ଛୁ ତଥା ଓଡିଆଘରର ପିଠା ମିଠା ପ୍ରସ୍ତୁତିରେ ଧୁରୀଣା ଓଡିଆଣୀ ଭାବରେ ଶଶିପ୍ରଭା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରତ୍ୟହ ଭୁବନେଶ୍ୱର ଭଞ୍ଜ ଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଉତ୍ସବରେ ଅଧକ୍ଷତା କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସେହିପରି ‘ନାଦବ୍ରହ୍ମ’ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ । ଭଞ୍ଜଭାରତୀର କୋଷାଧକ୍ଷା ଶୈଳଜା ମିଶ୍ର ପ୍ରଥମ ଦିବସରେ କାର୍ଯ୍ୟକ୍ରମର ସଂଯୋଜନା ଓ ସଦସ୍ୟ ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭଞ୍ଜଭାରତୀର ସଦସ୍ୟ ଡକ୍ଟର ମୃତ୍ୟୁଞ୍ଜୟ ରଥ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦିନର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ତୃତୀୟ ଦିନ ମେଧିର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଦିବସରେ ଭଞ୍ଜଭାରତୀର ସଦସ୍ୟ ଗତିକୃଷ୍ଣ ଦାଶ ସଂଯୋଜନା ଓ ସଦସ୍ୟ ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସଂପାଦିକା ଶୁଭଶ୍ରୀ ମିଶ୍ର, ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, କୋଷାଧକ୍ଷା ଶୈଳଜା ମିଶ୍ରଙ୍କ ସମେତ ସଦସ୍ୟ ଡକ୍ଟର ନୀଳମାଧବ ପ୍ରଧାନ, ଗିରିଜା ପ୍ରସାଦ ମିଶ୍ର, ସନ୍ତୋଷ ବେହେରା, ନରେନ୍ଦ୍ର ସାହୁ, ବିନାୟକ ରଥ, ମାଳତୀ ତ୍ରିପାଠୀ, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।









# ସୁନ୍ଦରଗଡ଼ରେ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟିତ





ସୁନ୍ଦରଗଡ଼: କଳାୟତନ କଲେଜ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟ ଠାରେ ଏକ ଆର୍ଟ ଗ୍ୟାଲେରୀ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ଓରାମ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଶୀତଳ ମହାପାତ୍ର କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କୁ ସ୍ୱାଗତ କରି ପ୍ରଦର୍ଶନୀ ବୁଲାଇଥିଲେ । ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ଉପାଧକ୍ଷ ଡକ୍ଟର ଦିଲ୍ଲୀପ କୁମାର ହାତୀ, ସଭ୍ୟ ଡକ୍ଟର ଚିରବ୍ରତ ଦତ୍ତ, ସୁସ୍ମିତା ଦତ୍ତ, ଅଭୟ କୁମାର ପଟ୍ଟନାୟକ, ବଟକିଶୋର ମିଶ୍ର, ସନ୍ତୋଷ କୁମାର ଅମାତ ଏବଂ ରାମଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଠେଲକୋଲୋଇ ହାଇସ୍କୁଲର ନୂତନ କୋଠା ଉଦ୍‌ଘାଟିତ

ସମ୍ବଲପୁର: ଠେଲକୋଲୋଇ ହାଇସ୍କୁଲର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି । ଜେଏସଡବ୍ଲ୍ୟୁ ବିପିଏସଏଲ୍‌ର ଅଧକ୍ଷ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନୀଲ କୁମାର ସିଂ ଏହି କୋଠା ଉଦ୍‌ଘାଟନ କରିଛନ୍ତି । ଜେଏସଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସିଏସ୍‌ଆର ପାଣ୍ଠିରୁ ଏହି କୋଠା ନିର୍ମିତ ହୋଇଛି । ଉଦ୍‌ଘାଟନ ଉତ୍ସବରେ ଆକାଂକ୍ଷା ଲେଡିଜ୍ କ୍ଲବର ସଭାନେତ୍ରୀ




ନୀଲମ ସିଂହ, ମାନବ ସମ୍ବଳ ବିଭାଗର ମୁଖ୍ୟ ତଥା ଉପସଭାପତି ଜେ.ପି. ସିଂ, ପ୍ରଶାସିନିକ ଉପାଧକ୍ଷ ମନୋଜ ସିଂ, ସିଭିଲ୍ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମୁଖ୍ୟ ବିଶାଳ ରାଜ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଠେଲକୋଲୋଇ ସରପଞ୍ଚ ଅବନ୍ତୀ ନାୟକ, ପଞ୍ଚାୟତର ସଦସ୍ୟ, ସ୍କୁଲ ପରିଚାଳନା କମିଟିର ସଭାପତି ଗୋଲବଦନ ପ୍ରଧାନ, କମିଟି ସଦସ୍ୟ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra